

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୫ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 FEBRUARY 2025

Vol.No. 36 ■ No.44 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବଡ଼ ଭେଟ୍‌ଘାଟ୍, ବଡ଼ ଡିଲ୍: ବିଶ୍ୱ ଦେଖିଲା ଭାରତ-ଆମେରିକା ସମ୍ପର୍କର ନୂଆ ଅଧ୍ୟାୟ

ନୂଆଦିଲ୍ଲୀ, ୧୪/୨ : ଭାରତକୁ ମିଳିବ ବିଶ୍ୱର ସବୁଠୁ ଶକ୍ତିଶାଳୀ ଲଢୁଆ ଯୁଦ୍ଧ ବିମାନ ଗ-୩୫ । ହ୍ୱାଇଟ୍ ହାଉସରେ ମୋଦି-ଟ୍ରମ୍ପ ଭେଟ୍?ଘାଟରୁ ମିଳିଛି ଏଇ ବଡ଼ ଗ୍ରୀନ୍ ସିଗ୍ନାଲ । ସେହିପରି ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟର୍ ମାଇଣ୍ଡ ତହବୁର ରାଣାର ପ୍ରତ୍ୟର୍ପଣରେ ମୋହର ସହ ଦ୍ୱିପାକ୍ଷିକ ବାଣିଜ୍ୟକୁ ଆସନ୍ତା ୨୦୩୦ ସୁଦ୍ଧା ୫ ଶହ ବିଲଅନ ଡଲାରରେ ପହଞ୍ଚାଇବାକୁ ବି ହୋଇଛି ମେଗା ଡିଲ୍ । ବଡ଼ ଭେଟ୍?ଘାଟ୍, ବଡ଼ ଡିଲ୍, ବଡ଼ ଦିଲ୍ । ହ୍ୱାଇଟ୍ ହାଉସରେ ଦୁନିଆ ଦେଖିଲା ମୋଦି-ଟ୍ରମ୍ପ୍ ବନ୍ଧୁତ୍ୱ । ବିଶ୍ୱ ଦେଖିଲା ଭାରତ-ଆମେରିକା ସଂପର୍କର ନୂଆ ଅଧ୍ୟାୟ । ଯେତେବେଳେ ବିଶ୍ୱର ଦୁଇ ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ରର ଦୁଇ ଶକ୍ତିଶାଳୀ ନେତା, ଦୁଇ ବନ୍ଧୁ ଭେଟାଭାଟି ହୁଅନ୍ତି, ସାମ୍ନାକୁ ବନ୍ଧୁତ୍ୱର ଏଭଳି ଗୋଟିକ ପରେ ଗୋଟିଏ ନିଦର୍ଶନ ସାମ୍ନାକୁ ଆସୁଥିଲା । କୋଳାକୋଳି ହେଲେ, ଚେୟାରରେ ବସେଇଲେ, ଉପହାର ଦେଲେ । ଆଉ କଥା ପଡ଼େ ଟ୍ରେଡ୍‌ରୁ ନେଇ ଟାରିଫ୍, ଡିଫେନ୍ସରୁ ନେଇ ୱାର୍, ଟେରରିଜମ୍ । ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ପାଖାପାଖି ୪ ଘଣ୍ଟାର ଆଲୋଚନାରେ ଭାରତ-ଆମେରିକା ସଂପର୍କକୁ ଆହୁରି ଦୃଢ କରିବା ଉପରେ ଦୁଇ ନେତା ଜୋର୍ ଦେଇଛନ୍ତି, ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷର କରିଛନ୍ତି ବଡ଼ ବଡ଼ ଡିଲ୍ । ଯେମିତି କି ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ବଢ଼ାଇବାକୁ ଭାରତକୁ ଏଫ୍ ୩୫ ଲଢୁଆ ବିମାନ ସହ କୋଟି କୋଟି ଡଲାରର ସୈନ୍ୟ ଉପକରଣ ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଛି ଟ୍ରମ୍ପ ପ୍ରଶାସନ । ଏଥିସହ ଦୁଇ ଦେଶର ମିଳିତ ସହଯୋଗରେ ଭାରତରେ ଆଣ୍ଟି ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ ଜାଭେଲିନ୍ ଓ ପଦାତିକ ଯୁଦ୍ଧ ଯାନ ବା ଇନ୍ଫ୍ରାଣ୍ଟ୍ରି କମ୍ବାଟ୍ ଭେହିକିଲ୍ ଷ୍ଟ୍ରାଇକରର ଉତ୍ପାଦନ ଓ କ୍ରୟ ପାଇଁ ରାଜିନାମା ହୋଇଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟର୍ ମାଇଣ୍ଡ ତହବୁର ରାଣାକୁ ଭାରତ ପ୍ରତ୍ୟର୍ପଣ କରାଯିବା ନେଇ ବଡ଼ ଘୋଷଣା କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ । କହିଛନ୍ତି ଆତଙ୍କବାଦର ମୁକାବିଲା ପାଇଁ ଭାରତ ଓ ଆମେରିକା ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ମୁମ୍ବାଇ ଆକ୍ରମଣର ମାଷ୍ଟର ମାଇଣ୍ଡ ବିରୋଧରେ ଭାରତର ଅଦାଲତରେ ବିଚାର ହେବ ବୋଲି କହିଛନ୍ତି । ଅନେକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଦୁଇ ଦେଶ ସହମତ ହୋଇଛନ୍ତି ।

▶▶ପୃଷ୍ଠା ୭

ବିଜେଡି ବିଧାୟକ ଅରୁଣ ସାହୁଙ୍କୁ ଅସ୍ମିତାର ଅର୍ଥ ବୁଝାଇଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୧୪/୨(ନି.ପ୍ର) : ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ଓଡ଼ିଆ ଅଭିଧାନରେ ଅସ୍ମିତା ଶବ୍ଦର ଅର୍ଥ କଣ; ଓଡ଼ିଆ ଅସ୍ମିତାର ସମ୍ପୂର୍ଣ୍ଣ ବ୍ୟାଖ୍ୟା ସମ୍ପର୍କରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥିଲେ । ଏହାପରେ ଲିଖିତ ଉତ୍ତର ରଖି ସ୍ପଷ୍ଟ ଭାବରେ ଅସ୍ମିତାର ଅର୍ଥ ବୁଝାଇଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଫସର ଫାଟିଲା ଅରୁଣଙ୍କ ପ୍ଲାନ୍ । ଯେଉଁ ବାଣ ବିଧାନସଭା ନିର୍ବାଚନ ସମୟରେ ରାଜ୍ୟରେ ୨୪ ବର୍ଷ ଧରି ଶାସନ କରିଥିବା ବିଜେଡିକୁ ଅସ୍ତବ୍ୟସ୍ତ କରିଥିଲା । ଯାହାକୁ ଅସ୍ତ୍ର କରି ବିଜେପି ଶାସନକୁ ଆସିଥିଲା । ସେହି ଅସ୍ତ୍ରକୁ ବିଜେପି ବିରୋଧରେ ପ୍ରୟୋଗ କରି ଶାସକ ଦଳକୁ ଘେରିବା ପାଇଁ ପ୍ଲାନ୍ କରିଥିଲେ ବିଜେଡି ବିଧାୟକ ଅରୁଣ ସାହୁ । କିନ୍ତୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦେଇଦେଲେ ଅରୁଣଙ୍କ ପ୍ରଶ୍ନର ଲିଖିତ ଉତ୍ତର । ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ଓଡ଼ିଆ ଅଭିଧାନରେ ଅସ୍ମିତା ଶବ୍ଦର ଅର୍ଥ କଣ; ଓଡ଼ିଆ ଅସ୍ମିତାର ସମ୍ପୂର୍ଣ୍ଣ ବ୍ୟାଖ୍ୟା ସମ୍ପର୍କରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥିଲେ । ଏହାପରେ ଲିଖିତ ଉତ୍ତର ରଖି ସ୍ପଷ୍ଟ ଭାବରେ ଅସ୍ମିତାର ଅର୍ଥ ବୁଝାଇଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମନ୍ତ୍ରୀ ସୂର୍ଯ୍ୟବଂଶୀ ନିଜ ଲିଖିତ ଉତ୍ତରରେ ଲେଖିଛନ୍ତି, ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ୨୦୧୭ ମସିହାରେ ପ୍ରକାଶିତ ଓ ୨୦୨୦ ମସିହାରେ ପୁନଃପ୍ରକାଶିତ ଚଳନ୍ତି ଓଡ଼ିଆ ଅଭିଧାନ ଅନୁଯାୟୀ ଅସ୍ମିତା ଶବ୍ଦର ଅର୍ଥ- ଅସ୍ମିତା ବି. ମୁଁ ପଣ, ଅହଂଜ୍ଞାନ, ମୁଁ ଭାବ, ମୁଁ ଅଛି- ଏହି ଭାବ, ଆତ୍ମ ପରିଚିତ । ତେବେ ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରୁଣ କହିଛନ୍ତି ମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ । ମୁଁ ଉତ୍ତର ବୁଝି ନପାରିବାରୁ ପୁଣିଥରେ ପଚାରିଲି । ଅପରପକ୍ଷେ ଏହାକୁ କାଉଣ୍ଟର କରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ସେ ସମୟର ସରକାର 'ଅସ୍ମିତା' ଶବ୍ଦର ଅର୍ଥ ଯାହା ବୁଝିଥିଲେ

▶▶ପୃଷ୍ଠା ୭

ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୪/୨ (ନି.ପ୍ର): ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ବିଜେପି କୋର କମିଟି ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ନିଗମ, ବୋର୍ଡ, କମିଶନ ଓ ଜିଲ୍ଲା ପ୍ଲାନିଙ୍ଗ ବୋର୍ଡକୁ ନେଇ ବୈଠକରେ ହୋଇଛି ଆଲୋଚନା । ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ । ଚଳିତ ମାସ ଶେଷ ସୁଦ୍ଧା ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ । ଏହାଛଡା ଅନ୍ୟନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ସାଂଗଠନିକ ନିର୍ବାଚନ,ରାଜ୍ୟ ସଭାପତି ଚୟନକୁ ନେଇ ଆଲୋଚନା ହୋଇଛି ।

ଘଡାଇ ଖୋଲିଲେ କୋରେଇ ଗୁମର: ବିଜେଡି ଚକ୍ରାନ୍ତର ଗୁମର ପଦାକୁ ଆଣି କଲେ ବିଷୋଦଗାର

ଭୁବନେଶ୍ୱର, ୧୪/୨(ନି.ପ୍ର) : ପୁଅ ପାଇଁ ମୁହଁ ଖୋଲିଲେ । ବିଜେଡି ଚକ୍ରାନ୍ତର ଗୁମର ପଦାକୁ ଆଣି ବିଷୋଦଗାର କଲେ । ବିଜୁ ଜନତା ଦଳର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇଙ୍କ ଏଭଳି ସାଙ୍ଘାତିକ ବୟାନ ଏବେ ବିଜେଡି ରାଜନୀତିରେ ସୃଷ୍ଟି କରିଛି କଂପନ । ଘଡାଇ ଖୋଲିଲେ କୋରେଇ ଗୁମର । ପରୋକ୍ଷରେ ବିଜେଡିକୁ ନିଶାନା କଲେ, ପୁଅ ବିରୋଧରେ ହୋଇଥିବା ଚକ୍ରାନ୍ତକୁ ନେଇ ବିଷୋଦଗାର ବି କଲେ । ଗତକାଲି କୋରେଇରେ ଏକ ଉତ୍ସବ ମଞ୍ଚରୁ ପୁଅ ପ୍ରୀତିରଞ୍ଜନଙ୍କୁ କିଭଳି ଗତ ନିର୍ବାଚନବେଳେ ଚକ୍ରାନ୍ତ କରି ସୁକିନ୍ଦା ପଠାଗଲା ସେ ଗୁମର ଖୋଲି, ଅହଂକାରରେ ସରକାର ଭାଙ୍ଗିଯାଏ ବୋଲି ବି କହିବାକୁ ପଛାଇନଥିଲେ ସିନିୟର ଘଡ଼ାଇ । ଯାହାକୁ ବିଜେଡି କଡ଼ା କାଉଣ୍ଟର କରି କହିଛି- ଆମ ଦଳରେ କେହି ଷଡ଼ଯନ୍ତ୍ର କରନ୍ତିନି । ତେଣେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ବି ଘଡ଼ାଇ ବାପ-ପୁଅଙ୍କୁ ମାରିଛନ୍ତି ତେରଛା ବାଣ । ପୁଅ ପାଇଁ ମୁହଁ ଖୋଲିଲେ । ବିଜେଡି ଚକ୍ରାନ୍ତର ଗୁମର ପଦାକୁ ଆଣି ବିଷୋଦଗାର କଲେ । ବିଜୁ ଜନତା ଦଳର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇଙ୍କ ଏଭଳି ସାଙ୍ଘାତିକ ବୟାନ ଏବେ ବିଜେଡି ରାଜନୀତିରେ ସୃଷ୍ଟି କରିଛି କଂପନ । ପୁଅ ପ୍ରୀତିରଞ୍ଜନଙ୍କୁ କିପରି ଚକ୍ରାନ୍ତ କରି କୋରେଇ

▶▶ପୃଷ୍ଠା ୭

ଭକ୍ତ ଦାସଙ୍କ ବଡ଼ ନିଷ୍ପତ୍ତି, ସବୁ ନେତାଙ୍କ ଉପରୁ ବହିଷ୍କାର ଓ ନିଲମ୍ବନ ପ୍ରତ୍ୟାହାର

ଭୁବନେଶ୍ୱର, ୧୪/୨(ନି.ପ୍ର) : ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସଭାପତି ଭକ୍ତ ଚରଣ ଦାସଙ୍କ ବଡ଼ ଘୋଷଣା । ପିସିସି ସଭାପତି ଭାବେ ନିଯୁକ୍ତି ପାଇବା ପରେ ଭକ୍ତ ଦାସ ଶୁକ୍ରବାର ଏକ ପ୍ରେସ୍ ରିଲିଜ୍ ଜାରି କରିଛନ୍ତି । ଏହି ପ୍ରେସ୍ ରିଲିଜ୍ ମାଧ୍ୟମରେ ସେ ପୁଣି ଥରେ ପୁରୁଣା କଂଗ୍ରେସ ନେତା ଓ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି । ତେବେ ଆଜି ଜାରି ହୋଇଥିବା ପ୍ରେସ୍ ରିଲିଜରେ ଲେଖା ରହିଛି କି, "ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ ଓ ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରି ଦିଆଗଲା । ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଯେଉଁମାନେ କଂଗ୍ରେସ ଛାଡ଼ି ଚାଲି ଯାଇଛନ୍ତି ସେମାନେ ପୁଣିଥରେ କଂଗ୍ରେସକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ । ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ ।" ଅଧିକ ପଢ଼ନ୍ତୁ: ଘଡାଇ ଖୋଲିଲେ କୋରେଇ ଗୁମର, ବିଜେଡି ଚକ୍ରାନ୍ତର ଗୁମର ପଦାକୁ ଆଣି କଲେ ବିଷୋଦଗାର ତେବେ ଭକ୍ତ ଦାସଙ୍କ ଏହି 'ମାଷ୍ଟରଷ୍ଟ୍ରୋକ'କୁ ନେଇ ରାଜନୀତିକ ମହଲରେ ହଟଚମଟ ଆରମ୍ଭ ହୋଇଛି । ଭକ୍ତଙ୍କ ଏଭଳି ଆଭିମୁଖ୍ୟ ସୁଦୃଢ଼ ବିରୋଧୀ ଦଳର ଅଭାବକୁ ପୂରଣ କରିବାରେ ସହାୟକ ହେବ ବୋଲି ଚର୍ଚ୍ଚା ଜୋର ଧରିଛି । ଏମିତିକି ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ ସୁଦୃଢ଼

▶▶ପୃଷ୍ଠା ୭

ଖରାରୁ ମିଳିବ ଆଶ୍ୱସ୍ତି: ୧୯ରୁ ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୪/୨(ନି.ପ୍ର) : ଆସୁଛି ବର୍ଷା, ଖରାରୁ ମିଳିବ ଆଶ୍ୱସ୍ତି । ଚଳିତ ମାସ ୧୯ ତାରିଖରୁ ରାଜ୍ୟରେ ତିନି ଦିନ ବର୍ଷା ହୋଇପାରେ । ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଆସନ୍ତା ୨୧ ତାରିଖ ଭିତରେ ୯ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ହେଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ । ଏସବୁ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ତେବେ ୧୯ ତାରିଖ ମଧ୍ୟରେ ଶୁଖିଲା ପାଗ ଅପରିବର୍ତ୍ତିତ ରହିବ । ଅପରପକ୍ଷରେ ଫେବୁଆରୀରୁ ଟାଇଁ ଟାଇଁ ଖରା ଅନୁଭୂତ ହେଉଛି । ଫେବୁଆରୀରୁ ଚେତାବନୀ ଦେଉଛି ତାତି । ଏମିତିକି ପାରଦ ୩୭ ଡିଗ୍ରୀ ପାର୍ କରିଛି ।

▶▶ପୃଷ୍ଠା ୭

ଦିଲ୍ଲୀ ନିର୍ବାଚନ ନିଶ୍ଚୟ ଚ୍ୟାଲେଞ୍ଜ ଥିଲା: ଅନନ୍ତ ନାୟକ

ଭୁବନେଶ୍ୱର, ୧୪/୨ (ନି.ପ୍ର): ଦିଲ୍ଲୀ ନିର୍ବାଚନ ସାରି ଓଡିଶା ଫେରିବା ପରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଦିଲ୍ଲୀ ନିର୍ବାଚନ ନିଶ୍ଚୟ ଚ୍ୟାଲେଞ୍ଜ ଥିଲା । ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଆପ ସରକାର ଠକି ଚାଲିଥିଲା । ପ୍ରଧାନମନ୍ତ୍ରୀଙ୍କ ଉପରେ ଲୋକଙ୍କ ଆସ୍ଥା ଥିଲା, ବିଶ୍ୱାସ ଥିଲା ଯାହା ଫଳରେ ବିଜେପି ଆସିଲା । ପାର୍ଟି ତରଫରୁ ପ୍ରବାସୀ ଭାରତୀୟଙ୍କ ଦାୟିତ୍ୱ ଥିଲା । ଜଗନ୍ନାଥ ହଜଖସ ମନ୍ଦିରରେ ଓଡ଼ିଆ ସେଲ ରହିଥିଲା ଯେଉଁଥିରେ ସେ ଦାୟିତ୍ୱ ମଧ୍ୟ ରହିଥିଲା । ଦିଲ୍ଲୀରେ ଖାସ କରି ଯେଉଁ ଓଡ଼ିଆ ଭୋଟର ଥିଲେ ତାହାର ଦାୟିତ୍ୱ ନେଇଥିଲି ବୋଲି କହିଛନ୍ତି ସାଂସଦ । ସାଉଥ ଦିଲୀରେ ୧୭ ବିଧାନସଭା ଥିଲା ଯେଉଁଥିରେ ୧୪ଟିରେ ଆମେ ଜିତିଥିଲୁ । ବିଜେପି ସରକାର ଆସିଛି, ଏବେ ଦିଲ୍ଲୀରେ ଲୋକଙ୍କ ଆଶା ପୂରଣ ହେବ ବୋଲି କହିଛନ୍ତି କେଉଁଝର ସାଂସଦ ଅନନ୍ତ ନାୟକ ।

ଖୁବ୍‌ଶୀଘ୍ର ରାଜ୍ୟ ବିଜେପିକୁ ମିଳିବେ ନୂଆ ମୁଖିଆ: ଏଇ ମାସ ଶେଷ ସୁଦ୍ଧା ସରିବ ସାଂଗଠନିକ ନିର୍ବାଚନ

ଭୁବନେଶ୍ୱର, ୧୪/୨(ନି.ପ୍ର) : କିଏ ଧରିବ ରାଜ୍ୟ ବିଜେପିର ମଙ୍ଗ ? ମନମୋହନ ସାମଲ ରିପିଟ୍ ହେବେ ନା ଆଉ କାହାକୁ ଦିଆଯିବ ଦାୟିତ୍ୱ ? ଆଜି ଭୁବନେଶ୍ୱରରେ ବିଜେପି କୋର୍ କମିଟି ବୈଠକରେ ଏନେଇ ମାନସ ମନ୍ଥନ ହୋଇଛି । ଏଥିସହ ସାଂଗଠନିକ ନିର୍ବାଚନ, ପଞ୍ଚାୟତ ନିର୍ବାଚନ ଓ ରାଜ୍ୟର ବିଭିନ୍ନ ନିଗମରେ ଖାଲିଥିବା ଅଧ୍ୟକ୍ଷ ପଦ ପୂରଣ ନେଇ ମଧ୍ୟ ହୋଇଛି ଆଲୋଚନା । ଦିନେ ଦୁଇଦିନ ଭିତରେ ଘୋଷଣା ହୋଇପାରେ ରାଜ୍ୟ ବିଜେପି ସଭାପତିଙ୍କ ନାଁ । କାହାକୁ ମିଳିବ ଏହି ଗୁରୁ ଦାୟିତ୍ୱ ପୁଣିଥରେ ରିପିଟ ହେବେ କି ମନମୋହନ ସାମଲ ? ନା ଆଉ କାହାକୁ ଦିଆଯିବ ରାଜ୍ୟ ନେତୃତ୍ୱ ? ଆଜି ବିଜେପି କୋର୍ କମିଟି ବୈଠକରେ ଏ ବିଷୟରେ ମାନସ ମନ୍ଥନ ହୋଇଛି । ଦିଲ୍ଲୀ ନିର୍ବାଚନ ପାଇଁ ରାଜ୍ୟ ବିଜେପି ସଭାପତିଙ୍କ ନାଁ ଘୋଷଣାରେ ବିଳମ୍ବ ହୋଇଥିବା ବିଜେପିର ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

▶▶ପୃଷ୍ଠା ୭

୩୧ ମାଓବାଦୀ ନିପାତ: ୧ କୋଟି ପୁରସ୍କାର ଘୋଷିତ ୨୮ ନକ୍ସଲ ହେଲେ ଚିହ୍ନଟ

ମାଲକାନଗିରି, ୧୪/୨ (ନି.ପ୍ର): ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ୩୧ ଜଣ ନକ୍ସଲଙ୍କର ମୃତ୍ୟୁ ହୋଇଥିଲା । ତେବେ ଏହି ନକ୍ସଲଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିଥିଲା । ପ୍ରଥମେ ୧୬ ନକ୍ସଲଙ୍କର ଚିହ୍ନଟ ହୋଇପାରିଥିବା ବେଳେ ଆଜି ୨୮ ନକ୍ସଲଙ୍କର ଚିହ୍ନଟ ସରିଛି । ଅନ୍ୟ ୩ ଜଣ ନକ୍ସଲଙ୍କର ଚିହ୍ନଟ ଚାଲିଥିବା ପୁଲିସ କହିଛି । ମୃତ୍ୟୁବରଣ କରିଥିବା ନକ୍ସଲ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ଡିଭିସିଏମ ସଦସ୍ୟ ହୁଙ୍ଗା କର୍ମା (୪୨), ୫ ଲକ୍ଷ ପୁରସ୍କାର ଘୋଷିତ ଏସିଏମ ସୁବାଷ ଅୟାମ (୪୦), ୫ ଲକ୍ଷ ଘୋଷିତ ଏସିଏମ ସନୁ ଉଇକା (୩୧), ୫ ଲକ୍ଷ ଘୋଷିତ ଏସିଏମ ମନିରାମ କୋହରାମୀ (୨୧), ୫ ଲକ୍ଷ ଘୋଷିତ ଏସିଏମ ଅମର ମାଣ୍ଡବୀ (୨୬), ୫ ଲକ୍ଷ ଘୋଷିତ ଏସିଏମ ଭରତ ଠାକୁର (୨୪), ୫ ଲକ୍ଷ ଘୋଷିତ ଏସିଏମ ସରୋଜ ଅବଲମ (୨୦), ୫ ଲକ୍ଷ ଘୋଷିତ ଏସିଏମ ଆୟତେ ମାଡବୀ(୨୫), ୫ ଲକ୍ଷ ଘୋଷିତ ପିପିସିଏମ ମଙ୍ଗୁ ହେମଲା (୨୯) ଚିହ୍ନଟ ହୋଇଛନ୍ତି । ସେହିପରି ୫ ଲକ୍ଷ ଘୋଷିତ ପିପିସିଏମ (ରାଜୁ ମଜ୍ଜି(୨୧), ୫ ଲକ୍ଷ ଘୋଷିତ ପିପିସିଏମ ସଂଜୟ କୁମାର କୁମ୍ପା (୨୦), ୫ ଲକ୍ଷ ଘୋଷିତ ପିପିସିଏମ ସୁଖମତି ପୋୟାମ (୨୦), ୫ ଲକ୍ଷ ଘୋଷିତ ପିପିସିଏମ ମୈନି ପୁନମ(୨୦), ୫ ଲକ୍ଷ ଘୋଷିତ ପିପିସିଏମ ମୀନା କୁଞ୍ଜାମ(୨୬),

▶▶ପୃଷ୍ଠା ୭

ଫେବୃଆରୀ ୧୭ରେ ବୈଠକ: ମୋଦୀ ଓ ରାହୁଲ କରିବେ ନିର୍ବାଚନ କମିଶନ ଚୟନ

ନୂଆଦିଲ୍ଲୀ, ୧୪/୨ : ଖୁବଶୀଘ୍ର ଦେଶକୁ ମିଳିବ ନୂଆ ନିର୍ବାଚନ କମିଶନ । ଏନେଇ ଆଇନ ମନ୍ତ୍ରଣାଳୟ ତରଫରୁ ଫେବୃଆରୀ ୧୭ କୁ ବୈଠକ ଡକାଯାଇଛି । ଏହି କମିଟିରେ ଏବେ ୩ ଜଣ ସଦସ୍ୟ ରହିଛନ୍ତି । ଶାସକ ଦଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ ଏବଂ ବିରୋଧୀଦଳର ନେତା ରାହୁଲ ଗାନ୍ଧୀ ଚୟନ କମିଟି ବୈଠକରେ ସାମିଲ ହେବେ । ଏବେର

ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ଦାବିରେ ନିଆରା ଶୈଳୀରେ ଗାଁସାଥୀଙ୍କ ଗଣଧାରଣା

କେନ୍ଦ୍ରାପଡ଼ା, ୧୪/୨ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ଦାବିରେ ଏକ ନିଆରା ଶୈଳୀରେ ଧାରଣାସ୍ଥଳରେ ଦୀପ ଜଳାଇ ଗାଁସାଥୀ(ମେଟ୍)ସଙ୍ଘର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଗାଁସାଥୀ(ମେଟ୍)ସଙ୍ଘର ମିଳିତ କ୍ରିୟାନୁଷ୍ଠାନ କମିଟି ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାର ଶହ ଶହ ଗାଁସାଥୀ(ମେଟ୍)ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଆରା ଧାରାରେ ଆନ୍ଦୋଳନ କରିଥିଲେ। ସଙ୍ଘର ଜିଲ୍ଲା ସଭାପତି ଅନିଲ କୁମାର ଜେନା ଓ ସମ୍ପାଦକ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଗାଁସାଥୀ(ମେଟ୍)ମାନେ ଆବଶ୍ୟକ ବୟସ କୋହଳ, +୨ରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି, +୨ରୁ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁସାଥୀମାନଙ୍କୁ ମାସିକ ୧୨ହଜାରରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୧ଜଣ ଅଧିକାରୀ ଓ ସାମ୍ବିଧାନିକ ମୁଖ୍ୟମାନଙ୍କୁ ବୁଧବାର ସଙ୍ଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ସମସ୍ତ ଗ୍ରାମପଂଚାୟତଗୁଡ଼ିକରୁ ଆସିଥିବା ଏକ ହଜାରରୁ ଉର୍ଦ୍ଧ୍ୱ ଗାଁସାଥୀ(ମେଟ୍)ମାନେ ଗଣଧାରଣାରେ ୫ଘଂଟାରୁ ଉର୍ଦ୍ଧ୍ୱ ସମୟଧରି ରହି ସେମାନଙ୍କ ଦାବି ଜଣାଇଥିଲେ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ବେଆଇନ ଭାବେ ନିଯୁକ୍ତ ମେଟ୍‌ମାନଙ୍କୁ ହଟାଇ ଦିଆଯିବା, ବେଆଇନ ଏନ୍.ଏମ୍.ଏମ୍.ଏସ୍. ରଦ୍ଦ, ଲାଇନ ଡିପାର୍ଟମେଂଟର ମନରେଗା ପ୍ରକଳ୍ପ କାର୍ଯ୍ୟରେ ଆଇନଗତ ଭାବରେ ନିଯୁକ୍ତ ଗାଁସାଥୀମାନଙ୍କୁ ନିଯୁକ୍ତ ଓ ପ୍ରାପ୍ୟ ପ୍ରଦାନ ପ୍ରଭୃତି ଦାବିଗୁଡ଼ିକ ଥିଲା। ଏଥିସହିତ ବର୍ତମାନର ମୁଖ୍ୟମନ୍ତ୍ରୀ ପୂର୍ବ ସରକାର ସମୟରେ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବାବେଳେ ବିଧାନସଭାରେ ଓ ବାହାରେ ଗାଁସାଥୀଙ୍କ ମାସିକ ପ୍ରୋତ୍ସାହନ ରାଶି ୧୦ ହଜାରରୁ ଅଧିକ ପ୍ରଦାନ କରାଯିବାକୁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସେହିପରି ଗାଁସାଥୀମାନଙ୍କ ପ୍ରସଙ୍ଗ ବିଜେପିର ନିର୍ବାଚନୀ ଇସ୍ତାହାରରେ ରହିଥିବାବେଳେ ୨୦୧୬ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗାଁସାଥୀଙ୍କ ପ୍ରୋତ୍ସାହନ ରାଶି ସମ୍ପର୍କିତ ପତ୍ର ଏବଂ ଏମ୍.ଓ.ଆର୍.ଡି. ପକ୍ଷରୁ ଗାଁସାଥୀଙ୍କ ପ୍ରୋତ୍ସାହନ ରାଶି ସମ୍ପର୍କିତ ରାଜ୍ୟ ସରକାରଙ୍କୁ ପତ୍ର ପ୍ରଭୃତିକୁ ଦୃଷ୍ଟିରେ ରଖାଯାଇ ଗାଁସାଥୀ(ମେଟ୍)ମାନଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ସରକାର ଦେଇଥିବା ତାଙ୍କ ପ୍ରତିଶ୍ରୁତି ରକ୍ଷା ସଙ୍ଘର ଦାବି ପୁରଣ ନକଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ କରାଯିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବାବେଳେ ବ୍ଲକ ସ୍ତରରେ ଗାଁସାଥୀ(ମେଟ୍)ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ବକେୟା ରାଶି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସଙ୍ଘକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବେଆଇନ ଭାବେ ନିଯୁକ୍ତ ମେଟ୍‌ମାନଙ୍କୁ ହଟାଯିବା ସହ 'ମୋ ବଗିଚା' ନାମରେ ହୋଇଥିବା ଘୋଟାଲାର ଖୁବଶୀଘ୍ର ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଘର କେନ୍ଦ୍ରାପଡ଼ା ବ୍ଲକ ସଭାପତି ପ୍ରଶାନ୍ତ କୁମାର ଦାସ ଓ ସମ୍ପାଦକ ବରଦାକାନ୍ତ ପାତ୍ର, ଡେରାବିଶ ସଭାପତି ଉପେନ୍ଦ୍ର ସାହୁ, ଗରଦପୁର ସଭାପତି ପ୍ରମୋଦ କୁମାର ନାୟକ ଓ ସମ୍ପାଦକ ବବିନା ପରିଡ଼ା, ମାର୍ଶାଘାଇ ବ୍ଲକର ପ୍ରତାପ ପରିଡ଼ା ଓ ପ୍ରତାପ ପଢିଆରୀ, ରାଜକନିକା ବ୍ଲକର ପରମେଶ୍ୱର ବେହେରା ଓ ଜ୍ୟୋତ୍ସ୍ନାରାଣୀ ବେହେରା, ମହାକାଳପଡ଼ା ବ୍ଲକର ନଳିନୀକାନ୍ତ ଖୁଣ୍ଟିଆ, ଆଳି ବ୍ଲକର ଶରତ ଚନ୍ଦ୍ର ବେହେରା ଓ ଜିତେନ୍ଦ୍ର ପୃଷ୍ଟି, ରାଜନଗର ବ୍ଲକର ଟୁଲୁ ନାନା, ପ୍ରମୋଦ ରାଉତ, ପ୍ରଦୀପ ରାଉତ, ସୁରେଶ ସାମଲ, ଶାନ୍ତିଲତା ବେହେରା ପ୍ରମୁଖ ସାମିଲ ଥିଲେ। ଗାଁସାଥୀମାନେ ପ୍ରଥମେ ଗରାପୁରସ୍ଥିତ ଗୋପାଳଜୀଉ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଂଚିବା ପରେ ଗଣଧାରଣା ଆରମ୍ଭ ହୋଇଥିଲା।

ବାରିପଦା ପୌରାଞ୍ଚଳରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ନେଇ ସମୀକ୍ଷା

ବାରିପଦା, ୧୪/୨ (ନି.ପ୍ର): ବାରିପଦା ସହରରେ ପାନୀୟ ଜଳ ସମସ୍ୟା ଆରମ୍ଭ ହେବାରେ ଲାଗିଲାଣି। ବାରିପଦା ପୋ?ରପାଳିକାର ସମସ୍ତ ୨୮ଟି ୱାର୍ଡରେ ଉକ୍ତ ସମସ୍ୟା ଦେଖା ଯାଉଥିବା ବେଳେ ସମାଧାନ କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡିଛନ୍ତି। ଉକ୍ତ ଜନ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ସୁଦ୍ଧା କୋଣସି ସମାଧାନ ହେଉନାହିଁ। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଲାଣି। ଏହାର ସମାଧାନ କରିବା ନେଇ ବାରିପଦା ପୌରପାଳିକା ପକ୍ଷରୁ ୱାଟକୋ ବିଭାଗ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଶୁକ୍ରବାର ପୌରପାଳିକା ସମ୍ମିଳନୀ କକ୍ଷରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୌରହିତରେ ଆୟୋଜିତ ବୈଠକରେ ୱାଟକୋ ମୁଖ୍ୟ ପରିଚାଳକ ପି.ସି ମଲ୍ଲିକ, ଉପ ନଗରପାଳ ସୀମା ଦାସ ଓ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ରହିଥିଲେ। ବାରିପଦା ପୌରପାଳିକାର ସମସ୍ତ ୨୮ଟି ୱାର୍ଡରେ ପାନୀୟ ଜଳ ଯୋଗାଣ ସମସ୍ୟା ଆରମ୍ଭ ହୋଇଛି। ନିଜ ଅଞ୍ଚଳର ପାନୀୟ ଜଳ ସମସ୍ୟା ଓ ଏହାର ସମାଧାନ ନେଇ ସ୍ଥାନୀୟ କାଉନସିଲର ମାନେ ଅବଗତ କରିଥିଲେ। ଅନେକ ସ୍ଥାନରେ ଗତ ବର୍ଷରୁ ସମସ୍ୟା ଲାଗି ରହିଥିବା ବେଳେ ୱାଟକୋ ପକ୍ଷରୁ ତାହାର ସମାଧାନ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋଟିଏ ଘର ୨/୩ଟି ଜଳ ଯୋଗାଣ ସଂଯୋଗ ଥିବାରୁ ଜଳ ସଙ୍କଟ ଦେଖାଯାଉଛି। ବର୍ତ୍ତମାନରୁ ପାନୀୟ ଜଳ ସମସ୍ୟା ଆରମ୍ଭ ହୋଇଥିବାରୁ ଆଗକୁ ଗ୍ରୀଷ୍ମଋତୁ ବେଳକୁ ଜଳ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି କରୁଛି। ବାରିପଦା ପୌରାଞ୍ଚଳରେ ୧୦/୧୫ବର୍ଷ ପୂର୍ବରୁ ଥିବା ପମ୍ପ ହାଉସ ଗୁଡ଼ିକ ରହିଛି। କିନ୍ତୁ ୱାଟକୋ ପକ୍ଷରୁ ନୂତନ ପମ୍ପ ହାଉସ କରାଗଲାନାହିଁ। ପୂର୍ବରୁ ଗୋଟେ ପମ୍ପ ହାଉସରେ ନିର୍ଭର କରୁଥିବା ଘରର ସଂଖ୍ୟା ବର୍ତ୍ତମାନ ୩/୪ଗୁଣା ବୃଦ୍ଧି ପାଇଛି। ଯାହାକି ଗୋଟେ ପମ୍ପ ହାଉସ ଦ୍ୱାରା ଯୋଗାଣ କରିବା ଅସମ୍ଭବ ଅଟେ। ତେଣୁକରି ନୂତନ ପମ୍ପ ହାଉସ ନିର୍ମାଣ କରିବାକୁ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏହାସହିତ ନଳକୂପ ଓ ବୋରୱେଲ ଗୁଡିକର ମରାମତି କରିବା। ଜମ୍ବୀର ଡ୍ୟାମରୁ ବାରିପଦା ସହରକୁ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହେଉନଥିବାରୁ ଜଳ ସଙ୍କଟ ଦେଖାଯାଉଛି। ଏହାକୁ ଆରମ୍ଭ କରିବାକୁ ବାରମ୍ବାର ବିଳମ୍ବକୁ ନେଇ ନଗରପାଳ ଶ୍ରୀ ମହାନ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି। ସମସ୍ୟାର ସମାଧାନ କରି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ କହିଛନ୍ତି। ସହରରେ ପାଣି ପାଇପ ବିଛାଇବା ପାଇଁ ରାସ୍ତା ଗୁଡ଼ିକ ଖୋଲା ଖାଲଖମାରରେ ଭର୍ତ୍ତି କରିଛନ୍ତି। ଏମିତି ନୂତନ ରାସ୍ତା ଗୁଡ଼ିକ ମଧ୍ୟ ଖୋଲି ଦେଉଥିବା ବେଳେ ମରାମତି ହେଉନାହିଁ। ଯାହା ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁକରି ତୁରନ୍ତ ରାସ୍ତା ଗୁଡ଼ିକର ମରାମତି କାର୍ଯ୍ୟ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୱାଟକୋ ବିଭାଗ ପକ୍ଷରୁ ଗୋଟିଏ ପାଣି ଟ୍ୟାଙ୍କର ଥିବା ବେଳେ ତାହା ଦ୍ୱାରା ୨୮ଟି ୱାର୍ଡରେ ପାନୀୟ ଜଳ ଯୋଗାଣ ସମ୍ଭବ ନୁହେଁ। ତେଣୁକରି ପୌରପାଳିକା ପକ୍ଷରୁ ୨/୩ ଟ୍ୟାଙ୍କର ପ୍ରଦାନ କରାଯାଇଛି। ଏହା ସହିତ ଭଡାସୂତ୍ରରେ ଅନ୍ୟ ଟ୍ୟାଙ୍କର ଆଣି ପାନୀୟ ଜଳ ଯୋଗାଇବା ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ୨୮ଗୋଟି ୱାର୍ଡ ବାସିନ୍ଦାଙ୍କ ପାନୀୟ ଜଳ ସମସ୍ୟା ନେଇ ବାରିପଦା ପୌରପାଳିକା ଓ ୱାର୍ଡ କାଉନସିଲର ଉତ୍ତରଦାୟୀ ଥିବାରୁ ଜନ ଅଭିଯୋଗ ଗୁଡ଼ିକ ଲିଖିତ ଭାବେ ୱାଟକୋ ମୁଖ୍ୟ ପରିଚାଳକ ଶ୍ରୀ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ଏହାର ଏକକ ନକଲ ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ତେବେ ଜମ୍ବୀରାରୁ ବାରିପଦା ସହରକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭ ହେଲେ ପ୍ରାୟତଃ ସମସ୍ୟାର ସମାଧାନ ହୋଇଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଅଭିଯୋଗ ଗୁଡ଼ିକର ମାର୍ଚ୍ଚ ୩୧ତାରିଖ ସୁଦ୍ଧା ସମାଧାନ କରିବାକୁ ପୋ?ରପାଳିକା ପକ୍ଷରୁ କୁହାଯାଇଛି। ଜଳ ସଙ୍କଟର ସମାଧାନ ନେଇ ପଦକ୍ଷେପ ଗ୍ରହଣ ନକରିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ନଗରପାଳ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି।

ବିଶ୍ୱ ରେଡ଼ିଓ ଦିବସ ପାଳିତ

ଗଂଜାମ, ୧୪/୨ (ନି.ପ୍ର): ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ବ୍ରହ୍ମପୁର ଆକାଶ ବାଣୀ କେନ୍ଦ୍ର ପରିସରରେ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଇଥଲା । ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ସ୍ୱାଗତ ଅଭିଭାଷଣରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ର ପ୍ରାକୃତିକ ଦୁଃରଦିନରେ ଯେତେବେଳେ ଅନ୍ୟ ସବୁ ସରବରାହ ସଂସ୍ଥା ନିଷ୍କ୍ରିୟ, କ୍ୱେଳ ରେଡ଼ିଓ ହିଁ ସୂଚନା ପ୍ରଦାନର ଏକ ମାତ୍ର ଓ ପ୍ରଧାନ ଉତ୍ସ ହୋଇଥାଏ ଓ ସବୁ ଶ୍ରେଣୀର ଲୋକଙ୍କ ପାଖରେ ଖବର, ସୂଚନା, ମନୋରଞ୍ଜନର ସୁଲଭ ମାଧ୍ୟମ ରେଡ଼ିଓର ଅବଦାନ ସମ୍ପର୍କରେ ଆଲୋକପାତ କରି ଏହି ବର୍ଷର ବାର୍ତ୍ତା 'ରେଡ଼ିଓ ଓ ଜଳବାୟୁ ପରିବର୍ତନ ' ସମ୍ପର୍କରେ ମଧ୍ୟ ନିଜର ମତ ରଖିଥିଲେ ।

ଫ୍ରେଣ୍ଡସ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଚତୁର୍ଥ ଦିନରେ ବିଏନ୍‌ଏଏ ଜରସିଂହା ବଲାଙ୍ଗୀର ବନାମ ଜଗା ୟୁନାଇଟେଟ କ୍ଲବ ଭୁବନେଶ୍ୱର

ବଲାଙ୍ଗୀର, ୧୪/୨ (ନି.ପ୍ର): ବଲାଙ୍ଗୀର ସୁଦୂର ପ୍ରସାରି ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଚତୁର୍ଥ ଦିନରେ ସହର ସ୍ଥିତ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡ଼ିଆରେ ବିଏନଏଏ ଜରସିଂହା ବଲାଙ୍ଗୀର ବନାମ ଜଗା ୟୁନାଇଟେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ବିଜୟା ନନ୍ଦ ସେଠୀ, ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ପ୍ରଦୀପ କୁମାର ପାତ୍ର, ବିଶିଷ୍ଟ ଚାଷୀ ନେତା ଆକାଶ ମିଶ୍ର ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ମଂଚାସିନ ଥିଲେ। ଅତିଥିମାନଙ୍କୁ ଅନୁଷ୍ଠାନରେ କର୍ମକର୍ତା ଉପଢୌକଣ ଦେଇ ସମ୍ମାନିତ କରିଥିଲେ। ଅନୁଷ୍ଠାନର କୋଡିନେଟର ମନୋଜ କୁମାର ମିଶ୍ର ଓ ମଧୁ ବନଛୋର ଟିମ୍‌ମାନଙ୍କୁ କୋଡିନେଟ କରିଥିଲେ। ଆଜିର ୪ର୍ଥ ଦିନ ଖେଳରେ ପୂର୍ବତନ ଫୁଟବଲ ଖେଳାଳି ସୁଧାଂଶୁ ସେଠ ଓ କେଶରୀ ନନ୍ଦନ ମଛଖଣ୍ଡଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ମ୍ୟାଚ କମିଶନର ଭାବରେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିବାବେଳେ ଦୋଳ ଗୋବିନ୍ଦ ମୁଣ୍ଡା, ସୁଶାନ୍ତ କୁମାର ନାଗ, ନର୍ସିଂ ସ୍ୱାମୀ ନାଇଡୁ, ସଂଜୀବ କୁମାର ମହାରଣା, ଜ୍ୟୋତିରଞ୍ଜନ ମହାନନ୍ଦ ଖେଳକୁ ପରିଚଳନା କରିଥିଲେ। ଜଗା ୟୁନାଇଟେଟ କ୍ଲବ ଭୁବନେଶ୍ୱର ତିନି ଶୂନ ଗୋଲରେ ବିଏନ୍‌ଏଏ ଜରାସିଂହା ବଲାଙ୍ଗୀର ଠାରୁ ବିଜୟ ହାସଲ କରିଥିଲା। ଆଜିକାର ଜଣେ ଭାଗ୍ୟଶାଳୀ ଦର୍ଶକ ନେପାଳ ବାଗ ମାଲପଡ଼ା ବଲାଙ୍ଗୀର ଲଟେରୀ କୂପନ ଦ୍ୱାରା ଏକ ଚା କପ ସେଟ ପୁରସ୍କାର ପାଇଥିଲେ। ବେଷ୍ଟ ଭଲଂଟୀୟର ଉମେଶ ପୁଟେଲ ଓ ପପୁ ସିଂଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପବିତ୍ର ଖୁଂଟିଆ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିକୁ ପରିଛା, ମନୋଜ ଦୀପ, ପ୍ରଦୀପ ସିଂହ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ପିଂଟୁ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତାକାଲି ଶୁକ୍ରବାର ୟଙ୍ଗ ଉତ୍କଳ କ୍ଲବ କଟକ ବନାମ ବି.ଏଫ୍. ସି. କୁଚିଣ୍ଡା ସମ୍ବଲପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସ୍ୱନକ୍ଷତ୍ର ପାଳିତ

କେନ୍ଦ୍ରାପଡ଼ା, ୧୪/୨ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ର ୬୭ତମ ସ୍ୱନକ୍ଷତ୍ର ଉତ୍ସବ ମହା ବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ପାଇଁ ବରିଷ୍ଠ କୃଷି ବିଜ୍ଞାନୀ, ମୃତିକା ଗବେଷକ ତଥା କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ଼ଃ ଅମରେଶ କୁମାର ନାୟକଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର, ଅଙ୍ଗବସ୍ତ୍ର ଓ ୩୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । କଲେଜ ପରିଚାଳନା ସମିତିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟର କୂଳପତି ଡ଼ଃ ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ନିଜ ବକ୍ତବ୍ୟରେ "ଶିକ୍ଷା ଗ୍ରହଣ ଏକ ଜୀବନ ବ୍ୟାପି ଅବ୍ୟାହତ ପ୍ରକ୍ରିୟା" ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡ଼ଃ ବୈଷ୍ଣବ ଚରଣ ସାମଲ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜୀବନରେ ସତ ମାର୍ଗ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ଡ଼ଃ ନାୟକ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଙ୍କ ନିମିତ ତାଙ୍କ ଧାନ ଗବେଷଣା ପ୍ରତିଷ୍ଠାନ କିପରି ସହାୟକ ହୋଇ ପାରିବ ତାହା ପ୍ରକାଶ କରିବା ସହ ସୁଯୋଗ ନେବାକୁ ଆହ୍ୱାନ ଜଣାଇଥିଲେ । କଲେଜର ବାର୍ଷିକ ବୁଲେଟିନ୍ କମ୍ୟୁନିକେ କୁ ଉନ୍ମୋଚିତ କରିବା ସହ ଅତିଥି ମାନେ ସେବା ନିବୃତ ଅଧ୍ୟାପକ ଡ଼ଃ ଉଷ୍ମାନ ଅଲ୍ଲୀ ଖାନ ଓ ଦିଲିପ ଭୂୟାଁଙ୍କୁ ସମ୍ମାନିତ କରିଥିଲେ । ଏହା ସହ ବିଗତ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ, ତୃପଦତି ଏମସିସି କ୍ୟାରେଟ, ଏନଏସଏସ ସ୍ୱେଚ୍ଛସେବୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ମହା ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ସ୍ୱାତ ଭାଷଣ ପ୍ରଦାନ କରିଥିବା ବେଳେ ଡ଼ଃ ସଂଯୁକ୍ତା ମିଶ୍ର ଅତିଥି ପରିଚୟ ଓ ଅଧ୍ୟାପିକା ସୀମା ମହାନ୍ତି ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କୀଶୋର ପରିଡା, ଡ଼ଃ ସେକ ସମସୁର, ଡ଼ଃ ବିନାୟକ ଦାସ, ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା, କୈଳାସ ଚନ୍ଦ୍ର ପ୍ରଧାନ, ଗିରିଶ ପାତ୍ର, ଭଗବାନ ପତ୍ରୀ, ଡ଼ଃ ପ୍ରଦିପ୍ତ ଶେଖର ଦାସ, ଡ଼ଃ ତପନ କୁମାର ପତି, ଡ଼ଃ କୈଳାସ ଲେଙ୍କା, ବିନ୍ଦୁମିତ୍ର ବଳ, ଗୋକୁଳୀ ଦାସ, ଡ଼ଃ ଦେବେନ୍ଦ୍ର ଗୋଛାୟତ, ଡ଼ଃ ଶ୍ରୀଧର ସାମଲ, ପୂର୍ବତନ ପୌରପାଳ ଧିରେନ କୁମାର ସାହ

ଚା' ପିଇଲେ ମୁଣ୍ଡ ବିନ୍ଧା କମେ: ସତ ନା ମିଛ ?

'ମୁଣ୍ଡଟା କାହିଁକି ବିନ୍ଧୁଛି... ସକାଳେ ଚା' ପିଇନି ଆଉ, ସେଥିପାଇଁ ମୁଣ୍ଡ ବିନ୍ଧୁଛି।' ଅନେକ ଲୋକ ଏପରି କହୁଥିବାର ଶୁଣିଥିବେ, କିମ୍ବା ଆପଣ ଯଦି ଜଣେ ଚା' ଅଭ୍ୟାସୀ, ତେବେ ଏପରି ଅନୁଭବ କରିଥିବେ ନିଶ୍ଚୟ। ଚା' ପିଇବା ଅଭ୍ୟାସ ଏବଂ ମୁଣ୍ଡବିନ୍ଧା ମଧ୍ୟରେ କଣ ସତରେ ସାମଞ୍ଜସ୍ୟ ରହିଛି, ବାସ୍ତବରେ କଣ ଚା' ନ ପିଇଲେ ମୁଣ୍ଡ ବିନ୍ଧେ, ଜାଣନ୍ତୁ ଏହା ପଛର ବିଜ୍ଞାନଗତ କାରଣ...

ମୁଣ୍ଡବିନ୍ଧା ଦୂର କରେ କି ଚା' ?:

ବିଶେଷଜ୍ଞଙ୍କ କହିବା ଅନୁସାରେ, ମୁଣ୍ଡବ୍ୟଥା ଚିକିତ୍ସା ଏବଂ ଚା' ପିଇବା ମଧ୍ୟରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରମାଣ ନହିଁ, ବେଳେ ବେଳେ ମୁଣ୍ଡବ୍ୟଥାର କାରଣ ଡିହାଇଡ୍ରେସନ୍ ହୋଇ ଥାଇପାରେ।

ସେହିପରି ଅନ୍ୟ ଜଣେ ସ୍ନାୟୁବିଜ୍ଞାନୀ ଡାକ୍ତର କହିଛନ୍ତି, ଚା ନାଜାଲ ସାଇନସେସ୍ (ନାକର ସାଇନସରେ ଆଲର୍ଜି କିମ୍ବା କୌଣସି ଜମାକୁ) ସଫା କରିପାରେ ଏବଂ ସାଇନସିଟ୍ସ କାରଣରୁ ହେଉଥିବା ମୁଣ୍ଡବ୍ୟଥାରୁ ଆରାମ ଦେଇପାରେ। ଏଥିପାଇଁ ଚା' ପିଇବା ପରେ ମୁଣ୍ଡବ୍ୟଥା କମିଗଲା ବୋଲି ଲାଗେ।

ଚା' ମୁଣ୍ଡବ୍ୟଥା ଦୂର କରିବାର ଆଉ ଏକ କାରଣ ହେଉଛି, ଏଥିରେ ବ୍ଲାକ୍ ଟି ଥାଏ, ଯେଉଁଥିରେ କଫିନ୍ ରହିଥାଏ, ଆଉ ଏହି କଫିନ ମୁଣ୍ଡବିନ୍ଧାରୁ ଆରାମ ଦେଇଥାଏ। କଫିନ୍ ରକ୍ତ ନଳୀକୁ ସଙ୍କୁଚିତ କରିପାରେ, ସମ୍ଭବତଃ ମୁଣ୍ଡବିନ୍ଧାର ଲକ୍ଷଣକୁ ହ୍ରାସ କରିପାରେ।

ଏକ କପ୍ (୧୫୦ ମିଲି) ବ୍ରୁଡ୍ କଫିରେ ୮୦-୧୨୦ ମିଲିଗ୍ରାମ କଫିନ୍, ଇନଷ୍ଟାଣ୍ଟ କଫିରେ ୫୦-୬୫ ମିଲିଗ୍ରାମ ଏବଂ ଚାରେ ୩୦-୬୫ ମିଲିଗ୍ରାମ କଫିନ୍ ଥାଏ।

ତଥାପି ଚା ପିଇବା ପରେ ସମସ୍ତେ ମୁଣ୍ଡବ୍ୟଥା କମିଯିବା ଅନୁଭବ କରନ୍ତି ନାହିଁ। ଏହାର ପ୍ରଭାବ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଖାଯାଏ। ଚା ପିଇବା ପରେ ମୁଣ୍ଡବ୍ୟଥା କମିଯିବାର ମୁଖ୍ୟ କାରଣ ହେଉଛି ଏଥିରେ ମିଶୁଥିବା ସାମଗ୍ରୀ, ଯେପରିକି ଅଦା, ଅଳେଇଚ ଏବଂ ଡାଲଚିନି ଗୁଣ୍ଡ।

ଚା ପିଇବାର ଉପଯୁକ୍ତ ସମୟ:

ଓଉଗଜ ଗାଇଡଲାଇନ ଅନୁସାରେ, ଖାଇବାର ଘଣ୍ଟାଏ ପୂର୍ବରୁ ଏବଂ ପରେ ଚା କିମ୍ବା କଫି ଆଦୌ ପିଇବା କଥା ନୁହେଁ। କାରଣ ଏଥିରେ ଟେନିନ୍ ନାମକ ଏକ ଉତ୍ତେଜକ ରହିଥାଏ। ଏହି ଟେନିନ୍ ଶରୀରରେ ଆଇରନ(ଲୌହ) ଅବଶୋଷଣରେ ବାଧା ସୃଷ୍ଟି କରିପାରେ। ଆଇରନ ଅଭାବରେ ରକ୍ତହୀନତା ହୋଇପାରେ।

ସେହିପରି ଶୋଇବା ପୂର୍ବରୁ ମଧ୍ୟ ଚା' ଓ କଫି ଆଦୌ ପିଇବା ଉଚିତ୍ ନୁହେଁ, କାରଣ ଏହି କାରଣରୁ ପରଦିନ ସକାଳେ ଅନିଦ୍ରା ଏବଂ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଟେନିନ୍ ମଧ୍ୟ ଅନେକ ଲୋକଙ୍କ ମାଇଗ୍ରେନର କାରଣ ହୋଇଥାଏ। କଫିନ୍ ଧାରଣ କରିଥିବା ଚା' କେବଳ ମୁଣ୍ଡ ବିନ୍ଧାଏନି, ବରଂ ଥକ୍କାପଣର କାରଣ ହୋଇପାରେ।

ତେଣୁ, କପେ ଗରମ ଚା' ଯେ ମୁଣ୍ଡବ୍ୟଥାକୁ ଦୂର କରିଦେବ ଏପରି ଭାବନ୍ତୁ ନାହିଁ। ଅତ୍ୟଧିକ ଚା' ପିଇବା ଦ୍ୱାରା ଶୋଷ ଲାଗିନଥାଏ, ଫଳରେ ପାଣି ପିଇବା କମ୍ ହୋଇଯିବାରୁ ହରମୋନାଲ୍ ପରିବର୍ତ୍ତନ ହୋଇପାରେ। ଶରୀରରେ ହରମୋନର ଅସନ୍ତୁଳନର ନାନା ରୋଗର କାରଣ ହୋଇଥାଏ। ତେଣୁ ସେ ଖାଦ୍ୟ ହେଉ କିମ୍ବା କୌଣସି ପାନୀୟ, କାହାକୁ ନିଶାରେ ପରିଣତ କରନ୍ତୁ ନାହିଁ, ସବୁର ଏକ ସନ୍ତୁଳନ ବଜାୟ ରଖନ୍ତୁ।

ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ'ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଢ଼ି କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ବା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

ଶିଶୁ ଠିକ୍‌ରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ'ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା'ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା' ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ୍ୟ ନିଜେ ଖାଇବା ଶିଖିବ।

ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ: ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ୍ୟ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ।



ସ୍ତନରେ ଇନ୍‌ଫେକ୍‌ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଚ୍ଛା କରେ ନାହିଁ।

ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ: ଯଦି ମାଆର ସି ସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ୍ୟ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

କଙ୍ଗାରୁ ଯତ୍ନ ବ୍ୟବସ୍ଥା କ'ଣ: ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା' ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରି ମ୍ୟାଚୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ: ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲେକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

କ୍ଷୀର ପରିମାଣ ବୃଦ୍ଧି ପାଇଁ: ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ: ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

ଶିଶୁର ପ୍ରଥମ ପୋଷଣ: ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା'କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା' ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।

ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ: ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ।

ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ୍ୟ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ: ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

ମାଆମାନେ ଅଫିସ ଯାଉଥିଲେ କ'ଣ କରିବେ: ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ୍ୟ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

ଗଜା ମୁଗର ଫାଇଦା; ଚର୍ମକୁ କରେ ଚିକ୍କଣ, ହୃଦୟକୁ ରଖେ ସୁସ୍ଥ

ପ୍ରକୃତିରୁ ମିଳୁଥିବା ଏପରି କିଛି ଖାଦ୍ୟ ଅଛି, ଯାହାକୁ କଞ୍ଚା କିମ୍ବା ଗଜା କରି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପଡ଼ିଥାଏ। ସେଥି ମଧ୍ୟରୁ ଗଜା ମୁଗ ଅନ୍ୟତମ। ଏଥିରେ ଫୋଲେଟ୍, ଭିଟାମିନ୍ ଇ୬, ଆଇରନ୍ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଭରପୂର ପରିଣାରେ ଥାଏ। ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି କି ସୁପ୍ରଭାବ ପଡ଼େ, ଜାଣନ୍ତୁ...

ହଜମ ପ୍ରକ୍ରିୟାରେ ଉନ୍ନତି ଆସେ: ପ୍ରତିଦିନ ସକାଳେ ଗଜା ମୁଗ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ। ଏଥିସହ ପେଟ ଫୁଲା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ମଧ୍ୟ ଗଜାମୁଗ ସହାୟକ ହୋଇଥାଏ।

ପ୍ରୋଟିନ ମିଳେ: ଗଜା ମୁଗରେ ଭରପୂର ପରିମାଣରେ ପ୍ରୋଟିନ ଥାଏ। ଗଜା ମୁଗ ଖାଇବା ଦ୍ୱାରା ମାଂସପେଶୀ ବୃଦ୍ଧି ହେବା ସହ କୋଷ ତିଆରି ହୋଇଥାଏ। ବିଶେଷ କରି ଶାକାହାରୀ ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ।

ଓଜନ ହ୍ରାସ: ଗଜା ମୁଗରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଅର୍ଥାତ୍ ଗଜା ମୁଗ ଖାଇବା ଦ୍ୱାରା ବିଶେଷ ଭୋକ ଲାଗିନଥାଏ। ଏହା ଦ୍ୱାରା ବାରମ୍ବାର ଖାଇବାକୁ ଇଚ୍ଛା ହୋଇନଥାଏ। ଫଳରେ ଓଜନ ପରିଚାଳନା ସହଜ ହୋଇଥାଏ।

ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ: ଗଜା ମୁଗରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଫଳରେ ମଧୁମେହ ଆଶଙ୍କା ହ୍ରାସପାଏ। ମଧୁମେହ ରୋଗୀ ମଧ୍ୟ ଗଜା ମୁଗ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

ଚର୍ମ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଜିଙ୍କ, ଭିଟାମିନ୍ ସି ଏବଂ ମିନେରାଲ୍ସର ଏକ ଉତ୍ତମ ଉତ୍ସ ହେଉଛି ଗଜା ମୁଗ। ତେଣୁ ଗଜା ମୁଗ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତି : ଗଜା ମୁଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ସହ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଗଜା ମୁଗରେ ଚର୍ବି କମ୍ ଏବଂ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ହ୍ରାସ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ କମାଇବାରେ ସାହାଯ୍ୟ କରିଥାଏ।

ଶରୀରକୁ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ମାଗଣାଜୀବୀଙ୍କ ସମାଜ...

ସାମାଜିକ-ଆର୍ଥିକ ବୈଷମ୍ୟ ଦୂର କରି ଏକ ସମାବେଶୀ ରାଷ୍ଟ୍ରଗଠନର ମହତ୍ ଲକ୍ଷ୍ୟରେ ଆମ ବିଜ୍ଞ ସମ୍ବିଧାନ ପ୍ରଣେତାମାନେ ଯେଉଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ ତାହା କାଳକ୍ରମେ କ୍ଷମତାସର୍ବସ୍ୱ ନିର୍ବାଚନୀ ରାଜନୀତିର ଅସ୍ତ୍ର ଭାବେ ସାମାଜିକ ଗୋଷ୍ଠୀବାଦକୁ ଯେପରି ବିଦୀର୍ଣ୍ଣ କରିଚାଲିଛି, ତାହାର ବର୍ଣ୍ଣନା ଅନାବଶ୍ୟକ। ଜଗତୀକରଣ ପରବର୍ତ୍ତୀ ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାର-ଅର୍ଥନୈତିକ ବ୍ୟବସ୍ଥାରେ ଏହି ସଂରକ୍ଷଣ-ରାଜନୀତି ଅସ୍ତର ପ୍ରଭାବ କ୍ରମଶଃ ନିଷ୍ପ୍ରଭ ହେଉଥିବା ଲକ୍ଷ୍ୟ କରି ନିର୍ବାଚନୀ ରଣନୀତିକାରମାନେ 'ମାଗଣା ଯୋଜନା(ଫ୍ରିବିଜ୍)' ନାମରେ ଆଉ ଏକ ନିର୍ବାଚନୀ ଅସ୍ତ୍ର ଉଦ୍‌ଭାବନ କରିଛନ୍ତି, ଯାହାର ଲକ୍ଷ୍ୟଭେଦୀ କ୍ଷମତା ଅଭୂତପୂର୍ବ ଓ ପ୍ରଶ୍ନାତୀତ। ରାଜ୍ୟ ଓ ଅଞ୍ଚଳ ଭିତ୍ତିରେ ନୂଆ ରୂପ ଓ ନୂଆ ନାମରେ ପ୍ରୟୋଗ ହେଉଥିବା ଶତପ୍ରତିଶତ ସାଫଲ୍ୟମଣ୍ଡିତ ଏହି ଅମୋଘ ଅସ୍ତ୍ର ବ୍ୟବହାରୀଙ୍କ ବିଜୟ ସମ୍ଭାବନାକୁ ସୁନିଶ୍ଚିତ କରୁଛି ଏବଂ ଅପରପକ୍ଷରେ ସ୍ୱାଭାବିକ ଭାବରେ ଏକ କର୍ମକୁଣ୍ଠ ସମାଜିକ ଅର୍ଥବ୍ୟବସ୍ଥାର ଭିତ୍ତି ପ୍ରସ୍ତୁତ କରିଚାଲିଛି। ଏହି ଅସ୍ତର ସଂକ୍ରାମକ ଶକ୍ତି ଏତେ ପ୍ରଖର ଯେ ପ୍ରତିଟି ନିର୍ବାଚନ ପରେ ଲକ୍ଷଲକ୍ଷ ଭୋଟର ମାଗଣାଜୀବୀ ବା ସରକାରୀ-ଅନ୍ନଜୀବୀରେ ରୂପାନ୍ତରିତ ହୋଇଚାଲିଛନ୍ତି। ନିର୍ବାଚନୀ ରାଜନୀତିର ଚକ୍ରବ୍ୟୂହରେ ଆମ ଲକ୍ଷ୍ୟ-ଅଲକ୍ଷ୍ୟରେ ସମ୍ପ୍ରସାରିତ ହୋଇଚାଲିଥିବା ଏଭଳି କର୍ମକୁଣ୍ଠ ସାମାଜିକ-ଅର୍ଥ ବ୍ୟବସ୍ଥାର ସୁଦୂରପ୍ରସାରୀ ପ୍ରଭାବ କେତେ ଭୟଙ୍କର ହୋଇପାରେ ତାହା କ୍ଷମତାନ୍ଧ ନୀତିନିର୍ଦ୍ଧାରକମାନେ ଜାଣି ମଧ୍ୟ ଅକ୍ଷମଣୀୟ ସମ୍ବେଦନହୀନତା ପ୍ରଦର୍ଶନ କରିଚାଲିଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ଉଦ୍‌ବେଗ ପ୍ରକାଶ କରି ରାଜନୈତିକ ଦଳମାନଙ୍କୁ ଏହାର ପରାଭବ ବିଷୟରେ ଚେତାଇ ଦେଇଛନ୍ତି। ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଦାରିଦ୍ର୍ୟ ଦୂରୀକରଣ ପାଇଁ ବୈଶ୍ୱିକ, ଜାତୀୟ ଓ ଆଞ୍ଚଳିକ ସ୍ତରରେ ବିଭିନ୍ନ ଦୀର୍ଘମିଆଦୀ କାର୍ଯ୍ୟପନ୍ଥାମାନ ଗ୍ରହଣ କରାଯାଉଛି। ଏହାପଛର ମହତ୍ ଉଦ୍ଦେଶ୍ୟ ହେଉଛି – ଯଦି ଲୋକଙ୍କ ମନରୁ ଦୈନନ୍ଦିନ ପେଟପାଟଣା ଚିନ୍ତା ଦୂର କରିଦିଆଯାଏ ସେମାନେ ରୋଜଗାରର ରାହା ଖୋଜିବାରେ ଅବଶିଷ୍ଟ ସମୟ ବିନିଯୋଗ କରିପାରିବେ। ଅବହେଳିତ ଓ ଦରିଦ୍ର ବର୍ଗଙ୍କ କଲ୍ୟାଣ ଓ ବିକାଶ ଏକ ଜନମଙ୍ଗଳ ରାଷ୍ଟ୍ରର ଦାୟିତ୍ୱ। କିନ୍ତୁ ଏହି ଦାୟିତ୍ୱର ରାଜନୀତିକରଣ ଯୋଗୁଁ ନୀତି ନିର୍ଦ୍ଧାରଣକାରୀଙ୍କ ମହତାକାଂକ୍ଷା ପରାହତ ହେଉଛି ଏବଂ ରିହାତି ଯୋଜନା ଲୋକଙ୍କୁ ସ୍ୱାବଲମ୍ବନ ଉଦ୍ୟମୀ କରିବା ପରିବର୍ତ୍ତେ ପରାନ୍ନଭୋଜୀ ମନସ୍କ ଓ କର୍ମବିମୁଖ କରୁଛି। ଭୋଟସର୍ବସ୍ୱ ଗଣତାନ୍ତ୍ରିକ ଶାସନ ସଂସ୍କୃତିରେ ଏକ ବିଶାଳ ଜନସମୂହକୁ ମାଗଣା ବିଜୁଳି, ପାଣି, ଇନ୍ଧନ, ଘର, ରାସନ, ଏପରିକି ସବୁ କର୍ମକ୍ଷମଙ୍କୁ ନଗଦ ହସ୍ତାନ୍ତର ପ୍ରତିଶ୍ରୁତି ପ୍ରତିଯୋଗିତାରେ ଅନେକ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରି ଋଣଗ୍ରସ୍ତ ଓ ଦେବାଳିଆ ହେବାକୁ ବସିଲେଣି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଆବଶ୍ୟକ ସମ୍ବଳ ନ ଥିବାରୁ ଋଣ କରି କିମ୍ବା ବିକାଶମୂଳକ ଯୋଜନାରୁ ଖର୍ଚ୍ଚ କାଟ କରି ରିହାତି ଓ ମାଗଣା ଯୋଜନା ଚଳାଇ ରଖିବାକୁ ସେମାନେ ବାଧ୍ୟ ହେଉଛନ୍ତି। ଯୋଜନାର ସିଂହଭାଗ ବାଟମାରଣା ହେଉଥିବାରୁ 'ଥିଲାବାଲା' ଅଧିକ ଉପକୃତ ହେଉଛନ୍ତି ଏବଂ 'ନଥିଲାବାଲା'ଙ୍କ ସ୍ଥିତିରେ ଉନ୍ନତି ଘଟୁନାହିଁ। ଅଧିକନ୍ତୁ ଏସବୁ ମାଗଣା ଯୋଜନାର କୁ-ପ୍ରଭାବ ସାଧାରଣ ଟିକସଦାତାଙ୍କ ଅବଦାନରେ ସମୃଦ୍ଧ ରାଜକୋଷ ଓ ଦେଶର ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଉଛି। ତେଣୁ ଟିକସଦାତା ମଧ୍ୟ ଏଭଳି ମାଗଣା ସଂସ୍କୃତି ବିରୋଧରେ ସ୍ୱର ଉଠାଉଥିବା ଦେଖାଯାଉଛି। ସର୍ବୋଚ୍ଚ ନ୍ୟାୟାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନିତି ଆୟୋଗ ମଧ୍ୟ ରାଜନୈତିକ ଦଳମାନଙ୍କର ଏଭଳି ମାଗଣା ଯୋଜନା ଇସ୍ତାହାରକୁ ନାପସନ୍ଦ କରିଛନ୍ତି। ଗତ ବୁଧବାର ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ଯୋଜନାର ସମାଜ ଓ ଅର୍ଥନୀତିରେ ଉପରେ ସୁଦୂରପ୍ରସାରୀ କୁପ୍ରଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିକଟରେ ସମାପ୍ତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ନଗଦ ହସ୍ତାନ୍ତର ଯୋଜନାର ସେଠାକାର କୃଷିଶ୍ରମିକଙ୍କ ଉପରେ ପ୍ରଭାବକୁ ଉଦାହରଣ ରୂପେ ନେଇ 'ଏଭଳି ଭୋଟସର୍ବସ୍ୱ ରାଜନୀତି ଦେଶରେ ପରଜୀବୀ ସମାଜ ସୃଷ୍ଟି କରୁନାହିଁ କି?' ବୋଲି ଖଣ୍ଡପୀଠ ରାଜନୈତିକ ଦଳମାନଙ୍କୁ ପରୋକ୍ଷରେ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସରକାରଙ୍କ ମାଗଣା ଯୋଜନା ଲୋକଙ୍କୁ କର୍ମକୁଣ୍ଠ କରି ପରଜୀବୀ ସମାଜ ସୃଷ୍ଟି କରୁଛି। ଏହାର ପ୍ରଭାବ ଗ୍ରାମ୍ୟ ଶ୍ରମସଂସ୍କୃତି ଉପରେ ପଡୁଛି। ଏହାପୂର୍ବରୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କଲା ଭଳି ରିହାତି ବା ମାଗଣା ଯୋଜନା ଘୋଷଣାକୁ ସମାଲୋଚନା କରିଥିଲେ। ଏଥିନିମନ୍ତେ ନିର୍ବାଚନ ପ୍ରକ୍ରିୟା ଓ ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ନିର୍ବାଚନ ଆୟୋଗଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ନିର୍ବାଚନ ଆୟୋଗର ଆଇନ ପ୍ରଣୟନ କ୍ଷମତା ନାହିଁ କି ଅସୀମିତ କାର୍ଯ୍ୟକ୍ଷମତା ନାହିଁ। ଏଥିପାଇଁ ଜନପ୍ରତିନିଧି ଆଇନରେ ଯେଉଁ ସଂଶୋଧନ ଆବଶ୍ୟକ ତାହାର ଦାୟିତ୍ୱ ବିଧାନପାଳିକାର। ମାଗଣା ଯୋଜନା ଘୋଷଣା ଏକ ରାଜନୈତିକ ସଂସ୍କୃତିରେ ପରିଣତ ହୋଇସାରିଥିବାରୁ ରାଜନୈତିକ ଦଳମାନେ ସମ୍ପୃକ୍ତ ଆଇନ ସଂଶୋଧନ କରିବାର ସମ୍ଭାବନା ମଧ୍ୟ କ୍ଷୀଣ। ଏହାକୁ ଯଥାର୍ଥରେ ହୃଦ୍‌ବୋଧ କରି ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ଯୋଜନା ଅପସଂସ୍କୃତିର ଅବସାନ ପାଇଁ ପରାମର୍ଶ ଦେବାକୁ ନିତି ଆୟୋଗ, ଅର୍ଥ ଆୟୋଗ, ନିର୍ବାଚନ ଆୟୋଗ, ଆରବିଆଇ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସଦସ୍ୟତାରେ ଏକ କମିଟି ଗଠନ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେହି କମିଟିର କାର୍ଯ୍ୟକାରିତା ମଧ୍ୟ ଏବେ ଅନ୍ଧାରରେ।

କୁମ୍ଭମେଳାର ମୋନାଲିସା ଓ ସୁନ୍ଦରୀ ସାଧ୍ୱୀ

ଅପର୍ଣ୍ଣା ନାୟକ

କୁମ୍ଭମେଳାର ଭବ୍ୟ ଓ ଦିବ୍ୟ ତଥା ଆସ୍ଥାର ନିଦର୍ଶନ ଆମେ ଦେଖିବାକୁ ପାଉଥିବାବେଳେ ଶ୍ରଦ୍ଧାଳୁ, ଜିଜ୍ଞାସୁ, ଅନିସନ୍ଧିତ୍ସୁ ଓ ମୁମୁକ୍ଷୁ ମାନଙ୍କୁ ଏହି ତ୍ରିବେଣୀ ସଙ୍ଗମ ଟାଣି ଆଣୁଥିବାବେଳେ ଅନେକ ଧ୍ୟାନ ଆକର୍ଷଣକାରୀ ଘଟଣା ସମସ୍ତଙ୍କୁ ଚମକାଇ ଦେଉଛି। କୁମ୍ଭମେଳାକୁ ଯେ ସମସ୍ତେ ଧର୍ମ ସାଧନ ବା ଆଧ୍ୟାତ୍ମିକ ଅନିସନ୍ଧିତ୍ସା ପାଇଁ ଯେ ସାମିଲ ହେଉଛନ୍ତି ତାହାନୁହିଁ। ଅନେକଙ୍କ ଭିତରେ ଜଣେ ମୋନାଲିସାଙ୍କ ଆଗମନ ଓ ପ୍ରସ୍ଥାନ ସୋସିଆଲ ମିଡ଼ିଆ, ୟୁଟ୍ୟୁବ ବା ଚ୍ୟାନେଲରେ ଯେତିକ ଚର୍ଚ୍ଚା ସୃଷ୍ଟି କରିନାହିଁ ବରଂ ତମାମ ଶ୍ରଦ୍ଧାଳୁଙ୍କ ଭିତରେ ମଧ୍ୟ ଦୃଷ୍ଟିକୁ କିଛି ମୁହୂର୍ତ୍ତ ପାଇଁ ଟାଣିବାକୁ ସକ୍ଷମ ହୋଇଛି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି – 'ସୌନ୍ଦର୍ଯ୍ୟର ତୃଷା ପ୍ରଣୟ ପିପାସା, ତୃପ୍ତ ହୋଇଅଛି କାହିଁ? ସଫଳ କାମନା ସଂତୃପ୍ତ ବାସନା, ଜଗତେ ମିଳଇ ନାହିଁ।' କୁମ୍ଭମେଳାକୁ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆତଯାତ ଭିତରେ ଯାଜାବର ଭାବେ ପ୍ରୟାଗରାଜରେ ରୁଦ୍ରାକ୍ଷ ମାଳ ଓ ଅନ୍ୟ ମାଳ ବିକ୍ରି କରି ଅର୍ଥ ଉପାର୍ଜନ ନିମିତ୍ତ ଜଣେ ଝିଅ ଯାହାଙ୍କର ନାମ ଥିଲା ମୋନାଲିସା। ତାଙ୍କ ଦୁଇ ଚକ୍ଷୁ ନୀଳାଭ ନୟନର କୋମଳ ଦୀପ୍ତି ଓ ତାଙ୍କ ସଲଜ୍ଜ ସ୍ମିତ ହସ କେହି କେହିଙ୍କ ଭିତରେ ସେ କୁଆଡ଼େ ଦେଖିବାକୁ ଥିଲେ 'ଲିଓନାର୍ଡ଼ଦା ଭିଞ୍ଚି'ଙ୍କ ପରି। ଏ ସବୁ ଥିଲା ତଥାକଥିତ ୟୁଟ୍ୟୁବର ଓ ଟିଭି ଚ୍ୟାନେଲର ଜୋରଦାର ପ୍ରଚାରଧର୍ମୀ ଖବର। ଏହି ମୋନାଲିସା ନାମୀ ଝିଅଟି ଅନେକ କୌତୁହଳ ଓ ଉତ୍ସୁକତା ସୃଷ୍ଟି କରିପାରିଥିଲା କୁମ୍ଭମେଳାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିତରେ। କୋଳାହଳମୟ କୁମ୍ଭମେଳା ଭିତରେ ତାଙ୍କ ବିମୁଗ୍ଧ ଚେହେରା ଓ ରୂପ ସୌନ୍ଦର୍ଯ୍ୟ ଯେଉଁପରି ଭାବରେ ୟୁଟ୍ୟୁବ ଦ୍ୱାରା ଫୋନକୁ ଫୋନ ଘୁରି ବୁଲିଲା ଫଳସ୍ୱରୂପ କୁମ୍ଭମେଳାର ଅନେକ ଭିଡ଼ ଗହଳି ତାଙ୍କ ଚର୍ତୁପାର୍ଶ୍ୱରେ ଲାଗି ରହିଲା। ଏହି ମୋନାଲିସାଙ୍କ ପାଖରେ ଗହଳି ଦ୍ୱାରା କିନ୍ତୁ ତାଙ୍କ ରୁଦ୍ରାକ୍ଷ ମାଳା ହେଉ ବା ଅନ୍ୟ ମାଳାର ବିକ୍ରି ଯେତେଟା କରିପାରିଲା ନାହିଁ ବରଂ ତାଙ୍କ ପାଖରେ ଗହଳି ଦ୍ୱାରା ସେ ନିଜକୁ ଅସ୍ୱସ୍ତିକର ଓ ବେଶ ଅସହଜ ମନେକଲେ। ସାମାଜିକ ଗଣମାଧ୍ୟମରେ ତାଙ୍କର ଆଚରଣ ଓ ଉଚ୍ଚାରଣ ସମସ୍ତଙ୍କର ଦୃଷ୍ଟି ଆକର୍ଷଣର ପୁତଳିକା ପାଲଟିଗଲେ। ସେ ଅନେକଙ୍କ ପାଇଁ ଲୋଭାସକ୍ତ ବାସନାର ଏକ ଚଳମାନ ମୂର୍ତ୍ତିଟିଏ ପାଲଟିଗଲେ ଯେପରି ଭୌତିକ ପ୍ରଲୋଭନ ଓ ଲୋଲୁପ ବଣିକ ତଥା ଦର୍ଶକଙ୍କ ଗହଳି ଭିତରେ ସେ ବାଣିଜ୍ୟିକ ଅପସଂସ୍କୃତିର ଘୂର୍ଣ୍ଣିରେ ନିଜେ ହିଁ ପଡ଼ିଗଲେ। ଯାହାର ଫଳସ୍ୱରୂପ ସେ ନିଜ ମୂଳ କ୍ଷେତ୍ର ଅର୍ଥାତ୍ ପରିବାର ପାଖକୁ ଫେରି ଯିବାକୁ ବାଧ ହେଲେ। କୁମ୍ଭମେଳା ଯେଉଁଠି ଅନେକଙ୍କୁ ରୋଜିରୋଟିର ବେପାର ଦେଉଛି ସେଠି ଏହି ମୋନାଲିସାଙ୍କ ବେପାର ଧୂଳିସାତ ହୋଇଗଲା। ଆଜିର ସମୟରେ ନାରୀର ସୌନ୍ଦର୍ଯ୍ୟକୁ ନାନା କୃତ୍ରିମ ପୁଜ, ନାନା କୃତ୍ରିମ ସାଜସଜ୍ଜାର ପରସ୍ତ ପରସ୍ତ ସ୍ତର ଭିତରେ ଅନେକ ଖୋଜି ଚାଲିଛନ୍ତି।

ସେହିପରି ପ୍ରୟାଗରାଜର କୁମ୍ଭମେଳାରେ ସବୁଠୁ ସୁନ୍ଦରୀ ସାଧ୍ୱୀ ଭାବେ ଉତ୍ତରାଖଣ୍ଡର ହର୍ଷାରିଛାରିଆ ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚାରେ। ନିଜକୁ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ସ୍ୱାମୀ କୈଳାସନନ୍ଦ ଗିରିଜୀ ମହାରାଜଙ୍କ ଶିଷ୍ୟ ବୋଲି କହୁଛନ୍ତି। ସେ ଜଣେ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର ଓ ତାଙ୍କର ଇନଷ୍ଟାଗ୍ରାମ ଆକାଉଣ୍ଟରେ ୯୦୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ ରହିଛନ୍ତି। ତେବେ ସବୁଠାରୁ ରୋଚକ କଥା ହେଉଛି ସେ ଜଣେ ସାଧ୍ୱୀ ନୁହଁନ୍ତି ବୋଲି ସ୍ୱୀକାର କରିଛନ୍ତି। ତାହାହେଲେ ଅନେକ ୟୁଟ୍ୟୁବର ମଧ୍ୟ ପ୍ରଶ୍ନ କରିଛନ୍ତି ସେ ଯଦି ସାଧ୍ୱୀ ନୁହଁନ୍ତି ତାହାହେଲେ କୁମ୍ଭମେଳାରେ ଏପରି ତଥାକଥିତ ପ୍ରଚାରକୁ ସେ କାହିଁକି ଆସିଛନ୍ତି।

ଭାରତୀୟ ପରମ୍ପରାରେ ସୌନ୍ଦର୍ଯ୍ୟର ବ୍ୟାପକ ମହିମା ପ୍ରଦର୍ଶିତ ହୋଇଛି। କବିବର ରାଧାନାଥ ରାୟଙ୍କ ସ୍ମରଣୀୟ ଧାଡ଼ିଟି ଉଲ୍ଲେଖ କରୁଛୁ – 'ଦୃଷ୍ଟପୂର୍ବ ହୋଇ ଅଦୃଷ୍ଟ ପ୍ରତୀତି, ସୁନ୍ଦର ପଣର ଚିରନ୍ତନ ରୀତି। ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ।' ବିଶ୍ୱକବି ରବୀନ୍ଦ୍ରନାଥ ସୌନ୍ଦର୍ଯ୍ୟ ମହିମା ବର୍ଣ୍ଣନା କରି ଲେଖିଛନ୍ତି – 'ହେ ଉର୍ବଶୀ ପୂର୍ଣ୍ଣ ପ୍ରସ୍ଫୁଟିତା, କୁନ୍ଦ ଶୁଭ୍ର ନଗ୍ନକାନ୍ତି / ଉଷାର ଉଦୟସମ ଅନବଗୁଣ୍ଠିତା / ମୁକ୍ତବେଣୀ ବିବସନେ / ତୁମେ ଅନଦିତା।' କୁମ୍ଭମେଳାରେ ମୋନାଲିସା ହୁଅନ୍ତୁ ବା ସବୁଠୁ ସୁନ୍ଦରୀ ସ୍ୱାଧୀର ମାନ୍ୟତା ପାଇଥିବା ହର୍ଷାରିଛାରିଆ, ଏହି ଦୁଇଜଣଙ୍କ କୁମ୍ଭମେଳାରେ ଯୋଗଦାନ ସବୁଠାରୁ ବଡ଼ ଆଲୋଚନା। ଜଣେ ନିଜ ତଥାକଥିତ ସୌନ୍ଦର୍ଯ୍ୟ ପାଇଁ ଆସିଥିବା ବେପାରବଟାର ବଡ଼ ଆଶା ତାଙ୍କ ପାଇଁ ମରିଚୀକା ପାଲଟିଗଲା। ଅନ୍ୟ ଜଣଙ୍କ ପାଇଁ ସୌନ୍ଦର୍ଯ୍ୟ ବ୍ୟକ୍ତିଗତତା ଏବଂ ଏହା ସାଧନା ମାର୍ଗ ପାଇଁ ମଧ୍ୟ କେତେ ଯେ ଆବଶ୍ୟକତା ଓ ପ୍ରାସଙ୍ଗିକତା ସେ ନେଇ ବିତର୍କର ଲଢ଼େଇ ସୋସିଆଲ ମିଡ଼ିଆରେ ଚାଲିଛି। ତେବେ ଯାହା ହେଉନା କାହିଁକି ପ୍ରୟାଗରାଜର ଭବ୍ୟ, ଦିବ୍ୟ ଏହି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭମେଳା ଅନେକଙ୍କ ପାଇଁ ଯେତିକି ସ୍ମରଣୀୟ ଅନେକଙ୍କ ପାଇଁ ରହସ୍ୟମୟ ଓ ବିସ୍ମୟକର ମଧ୍ୟ।

ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬

ଭବିଷ୍ୟତ ଚିନ୍ତାରେ ୟୁରୋପ

ସୌମେନ୍ଦ୍ର ଜେନା

ନାଟୋର ସଦସ୍ୟଭୁକ୍ତ ରାଷ୍ଟ୍ର ୨୭ଟି ଦେଶର ମେଣ୍ଟ ୟୁରୋପୀୟ ୟୁନିଅନର ସଦସ୍ୟ ଥିବା ରାଷ୍ଟ୍ରଗୁଡିକ ପାଇଁ ଏବେ ସଙ୍କଟର ସମୟ ଆସିଛି କହିଲେ ଠିକ୍ ହେବା ଏକଦା ପୃଥିବୀର ମାମଲାରେ ନିଜକୁ ଅଧିକ ସଂପୃକ୍ତ ରଖିଥିବା, ପୃଥିବୀର ଅନେକ ରାଷ୍ଟ୍ରରେ ନିଜର ଶାସନକୁ ସ୍ଥାପିତ କରିଥିବା ଦେଶଗୁଡିକ କେମିତି କେଜାଣି ଏବେ ଅଲଗା ହେବାପରି ଅନୁଭବ କରୁଛନ୍ତି, ଗୁରୁତ୍ୱ ହରାଇଥିବା ପରି ବିଚାର କରୁଛନ୍ତି । କାରଣ ୟୁରୋପୀୟ ୟୁନିଅନର ସବୁଠୁ ବଡ ସମର୍ଥକ ଆମେରିକା ଏବେ ୟୁରୋପଠାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛି । ଆମେରିକା ଏବଂ ରୁଷିଆ ସିଧାସଳଖ ଆଗାମୀ ଦିନରେ ୟୁକ୍ରେନରେ ଯୁଦ୍ଧ ବିରତି ପାଇଁ ଆଲୋଚନା କଲେ ୟୁରୋପର ମୂଲ୍ୟ କିଛି ରହିବ ନାହିଁ । ଟ୍ରମ୍ପ ଏବଂ ପୁତିନ ସିଧାସଳଖ କଥା ହେବାଲାଗି ଚାହୁଁଥିଲାବେଳେ ୟୁରୋପ ମଝିରେ ଏକାକୀ ରହିଯିବ, ଦୁଇ ବୃହତଶକ୍ତିଙ୍କ ଚାପରେ ସଙ୍କୁଚିତ ହୋଇଯିବ, ସେମାନଙ୍କ ନୀତି ସେମାନଙ୍କ ସ୍ୱାର୍ଥରେ ଗୁରୁତ୍ୱ ହରାଇବ । ଏହାର ସଙ୍କେତ ଡୋନାଲଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ମିଳିଥିଲା, ଯାହା ଏବେ ଅଧିକ ସ୍ପଷ୍ଟ ହେବାରେ ଲାଗିଛି । ବିଗତ ଦିନମାନଙ୍କରେ ୟୁକ୍ରେନକୁ ଆମେରିକାର ଯୁଦ୍ଧ ସହାୟତା ୧୪୦ ବିଲିଅନ ଡଲାର ପ୍ରଦାନ କରାଯାଇଥିଲା ବୋଲି ପୂର୍ବତନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଥିଲେ, ଯାହାକୁ ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଖଣ୍ଡନ କରିଛନ୍ତି । ଏପରିକି ଆମେରିକା ଘୋଷଣା କରିଥିବା ଅର୍ଥ ପରିମାଣର ଅର୍ଦ୍ଧେକ ମଧ୍ୟ ୟୁକ୍ରେନ ପାଇନଥିବା ସେ ପ୍ରକାଶ କରିଛନ୍ତି । ସେହି ଅର୍ଥ କୁଆଡେ ଗଲା ବୋଲି ସେ ଆମେରିକାକୁ ପ୍ରଶ୍ନ କରି ଏବେ ଡବଲ ଗେମ୍ ଖେଳିବାକୁ ଚାହିଁଛନ୍ତି। ଗୋଟିଏ ପଟେ ସେ ବାଇଡେନଙ୍କ ସରକାରକୁ ଦୁର୍ନୀତିଗ୍ରସ୍ତ ବୋଲି ଦର୍ଶାଇବା ବେଳେ ଅନ୍ୟ ପଟେ ଟ୍ରମ୍ପଙ୍କୁ ଖୁସି କରିବାକୁ ପ୍ରୟାସ କରିଛନ୍ତି । କିନ୍ତୁ ବାଇଡେନଙ୍କର ଏକଦା ପ୍ରିୟଥିବା ଜେଲେନସ୍କିଙ୍କ ପାଇଁ ଟ୍ରମ୍ପଙ୍କ ମନରେ ଅଧିକ ଶ୍ରଦ୍ଧା ଥିବା ପରି ମନେହୁଏ ନାହିଁ । ବାଇଡେନ ଯେପରି ନିଜ ସ୍ୱାର୍ଥପାଇଁ ଟ୍ରମ୍ପଙ୍କୁ ନିନ୍ଦିତ କରିବାକୁ ବାରମ୍ବାର କାଠଗଡାକୁ ଭିଡିଥିଲେ ଠିକ୍ ସେମିତି ଟ୍ରମ୍ପ ଜେଲେନସ୍କିଙ୍କୁ ଅପମାନିତ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ୟୁକ୍ରେନକୁ ଆମେରିକାର ଯୁଦ୍ଧ ସହାୟତା ବନ୍ଦ କରିଥିବା ଟ୍ରମ୍ପ ଆଗାମୀ ଦିନରେ ୟୁକ୍ରେନର ଖଣିଜ ସଂପଦ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ୟୁକ୍ରେନ ଯଦି ଆମେରିକାକୁ ତାର ପୂର୍ବଭାଗରେ ଥିବା ମୂଲ୍ୟବାନ ଖଣିଜ ସଂପଦକୁ ଦେବାଲାଗି ରାଜିହୁଏ ତେବେ ଆମେରିକା ପୁତିନଙ୍କ ସହ ଯୁଦ୍ଧ ବନ୍ଦ ସ୍ଥିତିରେ ୟୁକ୍ରେନର ପୂର୍ବାଞ୍ଚଳର ଯେଉଁ ସବୁ ସ୍ଥାନରେ ଖଣିଜ ସଂପଦ ରହିଛି ତହିଁରୁ ଅନେକ ଅଞ୍ଚଳ ଏବେ ରୁଷିଆର ଦଖଲରେ ରହିଛି । ସେହି ଅଞ୍ଚଳକୁ ଦଖଲ କରିବାକୁ ଧନ-ଜନ କ୍ଷତି ସହିଥିବା ରୁଷିଆ ସହଜରେ ଛାଡି ଦେବ ବୋଲି ଏବେଠୁ ଆଶା କରିବା ବୃଥା ହେବ ବରଂ ସେହିସବୁ ଅଞ୍ଚଳକୁ ନିଜର ବୋଲି ଘୋଷଣା କରିସାରିଥିବା ରୁଷିଆ ଅଧିକରୁ ଅଧିକ ରୁଷିଆ ସହ ମିଶ୍ରଣ ପାଇଁ ଉଦ୍ୟମ କରିବ । ବିଗତ ଦିନମାନଙ୍କରେ ୟୁରୋପଠାରୁ ଦୂରେଇ ରହିବା ପାଇଁ ଟ୍ରମ୍ପ ବାରମ୍ବାର ମତ ଦେଇ ଆସିଛନ୍ତି । ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ, ନାଟୋକୁ ଆର୍ଥିକ ଅନୁଦାନ, ରୁଷିଆ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିରତି, ବ୍ରିଟେନର ରାଜନୀତିରେ ହସ୍ତକ୍ଷେପ, ଜର୍ମାନ

କବିତା

ତୁମ ପାଇଁ

ଟିକିକୁ ନ'ମଣ ହୀନ...

ରାମଚନ୍ଦ୍ର ବେହେରା

ଟିକି ପିମ୍ପୁଡିଟି ସାଥିମେଳ ହୋଇ
କାମ କରେ ଦିନରାତି
ରଂଗ ବେରଂଗର ଡେଣାକୁ ହଲେଇ
ଉଡେ ଟିକି ପ୍ରଜାପତି ।

ଛୋଟ ଜୀବ ହୋଇ ଶ୍ରମ ସେ କରନ୍ତି
ନମାନନ୍ତି ଖରା ବର୍ଷା
ପାଗ ଅନୁକୂଳ ନହେଲେ ବି କେବେ
ହୁଅନ୍ତି ନାହିଁ ନିରାଶା ।

ଟିକି ମଂଜିଟିଏ ଅଂକୁରିତ ହୋଇ
ବିଶାଳର ରୂପ ନିଏ
ଟିକି ଟିକି ତାରା ଆକାଶରେ ଫୁଟି
ସଭିଂକ ମନକୁ ମୋହେ ।

ଟିକି ଝରଣାଟି ବାଧା ବିଘ୍ନ ସହି
ଆଗକୁ ଆଗକୁ ବଢେ
ଶୀତଳ ଜଳକୁ ପରଶି ଦେଇ ସେ
ସବୁଜ ସଂସାର ଗଢେ ।

ଟିକି ମହୁମାଛି ଫୁଲ ଖୋଜି ଖୋଜି
ମହୁକୁ ସାଇତି ରଖେ
ସେ ମହୁକୁ ଲୁଟି ମଣିଷ ଖାଆନ୍ତି
ନକାନ୍ଦଇ ସିଏ ଦୁଃଖେ ।

ଟିକି କଣାଟିଏ ଜଳ ଜାହାଜକୁ
ପାଣିରେ ଡୁବେଇଦିଏ
ଛୋଟ ଭୁଲ୍ ପାଇଁ ଟିକି ଦିଆସିଲି
ଗାଆଁ ଧ୍ୱଂସ କରିଥାଏ ।

ଟିକି ବୋଲି କେବେ ନ'ମଣିବ ହୀନ
କାମ କରୁଥିବ ଧ୍ୟାନେ
ଆଜି ଯିଏ ଟିକି କାଲି ହେବ ବଡ
ସଦା ରଖିଥିବ ମନେ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ମୁଁ ପରା ଆସିଛି ବସନ୍ତ ରାଜା

ଅଶୋକ କୁମାର ପ୍ରଧାନ

କିଏ ସେ ଆସୁଛି ଆମରି ମରତେ
ବେଶ ଭୂଷା ଏତେ ସଜେଇ ହେଇ
ଗଛ ଲତା କିଆଁ ପାଗଳ ପରାଏ
ନାଚନ୍ତି ତା' ଲାଗି ତାଥେଇ ଥେଇ ।

କି ପାଇଁ କହତ ଅଭିମାନ କରି
ଚାଲିଗଲା ଧାଇଁ ଜାଡୁଅ ଶୀତ
ତା' ଯିବାର ଦେଖି କାହିଁକି ପକ୍ଷୀଏ
ମନ ଖୋଲା କରି ଗାଆନ୍ତି ଗୀତ ।

ଆମ୍ବ ବଉଳର ମହ ମହ ବାସ
ତା ଲାଗି କାହିଁକି ଧରାରେ ହସେ
କହିବୁ କି ସାଙ୍ଗ ସକାଳରୁ ସଞ୍ଜ
କିଆଁ ଫୁଲଙ୍କର ହାଟଟି ବସେ ।

ପନି ପରିବାର ଆସର ଜମଇ
ଏତେ ଶସ୍ତା କିଆଁ ପରିବା ଦର
ହସଖୁସି କିଆଁ ସବୁଠି ଖେଳଇ
ପୁରିଲା ଲାଗଇ ସବୁରି ଘର ।

ସାହାଡା ଡାଳରେ ହଳଦୀ ବସନ୍ତ
କିଆଁ ଲୁଚକାଳି ଆନନ୍ଦେ ଖେଳେ
ଧିରେ ଧିରେ ଖରା ଟାଣ କାହିଁ ହୁଏ
ଏଇ ଋତୁ ପାଦ ଥାପିଲା ବେଳେ ।

ଭାବନା ଭିତରେ ବୁଡି ପଚାରିଲି
କହଲୋ ମୋ କଥା ପ୍ରକୃତି ରାଣୀ
କହିଲା ସେ ଧିରେ ମୁଁ ପରା ବସନ୍ତ
ଋତୁରାଜେ ଜଣା,ପାରୁନୁ ଜାଣି ।

ଥୁଣ୍ଟା ଗଛ ଡାଳେ ପତର ଆଣଇ
ମୁ ପରା ଆସିଛି ବସନ୍ତ ରାଜା
ଆସ ପିଲାମାନେ ଖେଳିବା ନାଚିବା
ଖୁସିରେ ବଜାଇ ତେଲିଙ୍ଗି ବାଜା ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

ମାରନାହିଁ ଭାଇରେ

ନିରଞ୍ଜନ ପତି

ମାରନା ମାରନା ମତେ
ଦିଅନାହିଁ ହାଣି
ଶୁଖିଯାଏ ତଣ୍ଟି ପାଟି
ଦିଅ ଟୋପେ ପାଣି ।

କଅଁଳ ଶିଶୁଟି ମୋର
ଖୋଜୁଥୁ ମତେ
ଛଟପଟ ହେଉଥିବ
କ୍ଷୀର ପାଇଁ କେତେ ।

ବିକିଚି ମାଲିକ ମତେ
ଟଙ୍କା କେତେ ପାଇଁ
ପାଳି ପୋଷି ରଖିଥିଲା
ମନେ ଦୟା ନାହିଁ ।

ପିଲା ମୋର କାନ୍ଦୁଥବେ
ମତେ ଝୁରି ଝୁରି
ହାଣନାହିଁ ଭାଇ ମତେ
ଲୁଚାଅ ସେ ଛୁରି ।

କିଲାଭ ପାଇବ ଖାଇ
ମୋର ମାଂସ ହାଡ
ଆମିଷ ଖାଇବା ଆଶା
ଚିରଦିନ ଛାଡ ।

ମୋ ପରି ନିରୀହ ଜୀବ
କର ନାହିଁ ନାଶ
ସୁଖରେ କଟିବ ନୂଆ
ବରଷ ଓ ମାସ ।

ଛେଳିଟିର ଲୁହଦେଖି
ବଦଳିଲା ମନ
ଶପଥ କରିଲା ଜୀବ
ମାରିବିନି ଘନ ।

ବେକରୁ କାଢିଲା ପଘା
ଚାଲିଗଲା ଛେଳି
ମାଆ ଛୁଆ ଭେଟହେଇ
ହେଲେ କୋଳାକୋଳି ।

+କୁଞ୍ଜର, ସଙ୍ଗଳାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

ସନ୍ତୋଷ କୁମାର ଅଦାବର

'ସୁରଜ ଓ ବରୁଣ'

ଗୋଟିଏ କାରଖାନାରେ ଅନେକ କର୍ମଚାରୀ ଏବଂ ଶ୍ରମିକ କାମ କରୁଥିଲେ । ସେ କାରଖାନାରେ ସୁରଜ ଆଉ ବରୁଣ ନାମରେ ଦୁଇଜଣ କର୍ମଚାରୀ ମଧ୍ୟ କାର୍ଯ୍ୟ କରୁଥାଆନ୍ତି । ସେ ଦୁହେଁ ସେହି କାରଖାନାର ସମାନ ବିଭାଗରେ କାମ କରୁଥାଆନ୍ତି । ଏଇ କିଛି ଦିନ ହେବ କାର୍ଯ୍ୟକୁ ନେଇ ଉଭୟଙ୍କ ମଧ୍ୟରେ ଟିକିଏ ଯୁକ୍ତିତର୍କ ହେବା ଯୋଗୁଁ ସେମାନେ ମିଶୁ ନ ଥା'ନ୍ତି ।

ବରୁଣ ସୁରଜଠାରୁ ବୟସରେ ବଡ଼ ହେବ । କିନ୍ତୁ ସେ କାରଖାନାରେ ସୁରଜଠାରୁ ଗୋଟିଏ ବର୍ଷ ପରେ ବରୁଣ ନିଯୁକ୍ତି ପାଇଛି । ନିଜଠାରୁ ନିଯୁକ୍ତିରେ କନିଷ୍ଠ ଭାବିକି ସୁରଜ ସବୁବେଳେ ବରୁଣକୁ ଅଣଦେଖା କରେ । କିନ୍ତୁ ବରୁଣ ନିଜ କର୍ତ୍ତବ୍ୟରେ କେବେ ଅବହେଳା କରେନାହିଁ । ଠିକ୍ ସମୟରେ ଅଫିସ ଆସିବା, ଯାହା କାମ ଦିଆଯାଏ ତାକୁ ସୂଚାରୁ ରୂପରେ ସମ୍ପାଦନ କରିବା, ସବୁ କର୍ମଚାରୀଙ୍କ ସହ ମିଶିବା ଆଦିକୁ ସେ ବହୁତ ବଢ଼ିଆ ଭାବରେ ତୁଳାଇଥାଏ । ତା'ର ଏସବୁ କାର୍ଯ୍ୟକଳାପ ଦେଖି ସୁରଜ ଈର୍ଷାରେ ଜଳୁଥାଏ ।

ଦିନେ ସେ କାରଖାନାର ମାଲିକ ତଥା ଉଚ୍ଚ ପଦସ୍ଥ କିଛି କର୍ମଚାରୀ ଏକ ବୈଠକରେ ଯୋଗଦାନ କରିବାକୁ ଅନ୍ୟତ୍ର ଯାଇଥାଆନ୍ତି । ସେଦିନ କୌଣସି ଏକ କଥାକୁ ନେଇ ସୁରଜ ବରୁଣ ସହ ଯୁକ୍ତିତର୍କ ଆରମ୍ଭ କଲା । ସେ ଉଚ୍ଚ ସ୍ୱରରେ ଯୁକ୍ତି କରୁଥାଏ । ବରୁଣ ମଧ୍ୟ ତା'ର ଆରମ୍ଭ କଲା । ଏହି ସମୟରେ ବରୁଣକୁ ଠିକ୍ ଭାବରେ ଜାଣିଥିବା ଆଉ ଜଣେ କର୍ମଚାରୀ ମହେଶ ତାକୁ ସେ କାରଖାନାର ଅନ୍ୟ ଏକ ସ୍ଥାନକୁ ନେଇଗଲେ ।

ମହେଶ ବାବୁ ସେହି କାରଖାନାର ଜଣେ ବରିଷ୍ଠ କର୍ମଚାରୀ । କିଛି ସମୟ ପରେ ମହେଶ ବାବୁ ବରୁଣକୁ ବୁଝାଇଲେ- ଭାଇ, ଆମେ ସଭିଏଁ ନିଜ ନିଜ ପେଟ ପାଟଣା ପାଇଁ କାମ କରୁଛେ । ଅଯଥା ଯୁକ୍ତିତର୍କରେ ଆମର ଲାଭ କ'ଣ ? ବରୁଣ କହିଲା- ଆପଣ ଠିକ୍ କହୁଛନ୍ତି ଆଜ୍ଞା । ସୁରଜର ଏସବୁ ମୁଁ ବହୁତ ଦିନରୁ ଦେଖି ଆସୁଛି । ସେ ମୋତେ ଈର୍ଷାରେ ଏମିତି ବ୍ୟବହାର ଦେଖାଉଛି । ତା'ପରେ ମହେଶ ବାବୁ କହିଲେ- ଏସବୁ ମୁଁ ଜାଣେ ଭାଇ । କିନ୍ତୁ ଜଣେ ଯଦି ଆମ ସହ ଉଚ୍ଚ ସ୍ୱରରେ ଯୁକ୍ତିତର୍କ କରେ ଆମେ ନିଜ ଶକ୍ତି ଖର୍ଚ୍ଚ କରି ଆମ ସ୍ୱରକୁ ଉଚ୍ଚ କରିବା ଠିକ୍ ନୁହେଁ । ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ପ୍ରତି ଯତ୍ନବାନ ହେବା । ନିଜ ସ୍ୱର ଉଚ୍ଚ କରିବା ଅପେକ୍ଷା ନିଜ ସ୍ଥାନକୁ ଯଦି ଉଚ୍ଚ କରିବା ତେବେ ଅନ୍ୟର ଉଚ୍ଚ ସ୍ୱର ଆପେ ଆପେ ଶାନ୍ତ ହୋଇଯିବ ।

ମୁକେଶ ବାବୁଙ୍କ କଥାକୁ ବରୁଣ ଠିକ୍ ଭାବରେ ବୁଝି ପାରିଲା । ଠିକ୍ ଏହି ସମୟରେ ବରୁଣ ପାଖକୁ ଏକ ଫୋନକଲ୍ ଆସିଲା । ସେପଟରୁ କାରଖାନା ମାଲିକ ଫୋନରେ କହିଲେ ଯେ ବରୁଣର ପଦୋନ୍ନତି ହୋଇଛି । ସେକଥାକୁ ବରୁଣ ମୁକେଶବାବୁଙ୍କୁ କହିବାରୁ ସେ ଖୁସିରେ ତାକୁ ଅଭିନନ୍ଦନ ଜଣାଇଲେ । ଧିରେ ଧିରେ ଖବର ସେହି କାରଖାନା ସାରା ପ୍ରଚାର ହେଇଗଲା । ସେଦିନଠୁ ସୁରଜ ବରୁଣ ସହ ପୂର୍ବ ଭଳି ଈର୍ଷାରେ ଯୁକ୍ତିତର୍କ କରିପାରିଲା ନାହିଁ,କାରଣ ବରୁଣ ତା' ଠାରୁ ଉଚ୍ଚ ପଦସ୍ଥ କର୍ମଚାରୀ ହୋଇଯାଇଥିଲା । ଏଣୁ ଆମେ ଅନ୍ୟର ଉଚ୍ଚ ସ୍ୱରକୁ କମ୍ କରିବାକୁ ନିଜ ସ୍ୱରକୋ ଉଚ୍ଚ ନ କରି, ନିଜର ପରିଶ୍ରମ ତଥା ନିଷ୍ଠା ବଳରେ ନିଜର ସ୍ଥାନକୁ ଯଦି ଉଚ୍ଚ କରିପାରିବା,ତେବେ ଅନ୍ୟର ଉଚ୍ଚ ସ୍ୱର ଆପେ ଆପେ ଶାନ୍ତ ହୋଇଯିବ ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

ସହଜ ହେବ

କୀର୍ତ୍ତନ ସାହୁ

ବୁଝି ଶୁଝି ତମେ କାମ କରୁଥିଲେ
କାମ ତମ ପାଇଁ ସହଜ ହେବ
ବେଳାବେଳି ତମେ କାମ ସାରି ଦେଇ
ଗୁରୁଜନଙ୍କଠୁ ପ୍ରଶଂସା ନେବ ।

ଅକ୍ଷର ଲେଖିବା ପ୍ରଣାଳୀ ଶିଖିଲେ
ଖାତାରେ ଲେଖିବା ସହଜ ହୁଏ
ସୁନ୍ଦର ଭାବରେ ଲେଖି ଦେଲେ ତମେ
ଯିଏ ଦେଖେ ତାର ହୃଦୟ ଛୁଏଁ ।

ଚାଲିବା ଅଭ୍ୟାସ ରଖି ଥିଲେ ସିନା
ସହଜରେ ତମେ ପାରିବ ଚାଲି
ଆବଶ୍ୟକ ସ୍ଥଳେ ଅଧିକ ଚାଲିବ
ଆଜି ହେଉ ଅବା ଆସନ୍ତା କାଲି ।

ପଢ଼ିବା ଅଭ୍ୟାସ ନିତି ରଖି ଥିଲେ
ସହଜରେ ତମେ ପାରିବ ପଢି
ବିଭିନ୍ନ ବିଷୟ ପଢି କରି ତମେ
ନିଜ ଜୀବନକୁ ପାରିବ ଗଢି ।

ଛୋଟ ବେଳୁ ଛୋଟ ଛୋଟ ଖେଳ ଖେଳି
ଦିନେ ବଡ ଖେଳ ସହଜ ହେବ
ଭଲ ଖେଳି ତମେ ପ୍ରଶଂସା ଲଭିବ
ଗୁରୁଜନେ କେତେ ଖୁସି ଯେ ଦେବ ।

ସବୁ କାମ ତମ ସହଜ ହୋଇବ
ନୀତି ନିୟମରେ ଅଭ୍ୟାସ କଲେ
ସଫଳତା ସ୍ୱାଦୁ ଚାଖି ପାରିବରେ
ସାର୍ଥକ ହୋଇବ ଜୀବନ ଭଲେ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ବସନ୍ତର ଆଗମନେ

ଧ୍ରୁବ ଚରଣ ଘିବେଲା

ଅଗିରା ଜଳିଲା ଶୀତ ଟଳିଗଲା
ଶୀତଋତୁ ହେଲା ଅନ୍ତ
ମଳୟ ସହିତ ମନ୍ଦ ବାଆ ଆଣି
ଋତୁରାଜ ଉପସ୍ଥିତ ।

ମାଘ ପୁନେଇଁ ଯେ ଅଗିରା ପୁନେଇଁ
ଅଗି ଜାଳି କେତେ ରୁଣ୍ଡ
ଅଗିରା ଉତ୍ସବ ପାଳନ ପାଇଁ କି
ଜମିଥାନ୍ତି ଗାଆଁ ମୁଣ୍ଡ ।

ଅଗ୍ନି ଭିତରକୁ ନିକ୍ଷେପ କରନ୍ତି
ନଡ଼ିଆ ପନିପରିବା
ଅଗ୍ନି ଦେବତାଙ୍କୁ ଶାନ୍ତ କରିବାକୁ
ଅଗିରା ପର୍ବ ପାଳିବା ।

ସେଇ ଉଦ୍ଦେଶ୍ୟରେ ପାଳି ହରଷରେ
ଅଗିରା ପୁନେଇଁ ପର୍ବ
ରୀତିନୀତି ମତେ ପାଳିକି ସମସ୍ତେ
ଅନୁଭବିଥାନ୍ତି ଗର୍ବ ।

ଟଳିଯାଏ ଶୀତ ଫେରିଯାଏ ଶୀତ
ଧରାରୁ ନିଏ ବିଦାୟ
ଶୀତ ଅନ୍ତେ ଆସେ ବସନ୍ତ ହରଷେ
ନେଇ ସାଥେ ମନ୍ଦ ମଳୟ ।

ବସନ୍ତ ଆସିଲେ କୋଇଲି ରାବିଲେ
ଶୁଭେ ତାର କୁହୁତାନ
ମଧୁର କୁଜନ ହରେ ଜନ ମନ
ମିଠାଭରା କୁହୁ ସ୍ୱନ ।

ପୁରୁଣା ପତର ଖସେ ଗଛୁ ଧିର
କଅଁଳେ କଅଁଳ ପତ୍ର
ପୁରୁଣା ସ୍ଥାନରେ ନୂଆ ପତରରେ
ଗଛଠି ଜାଗେ ଉଷତ ।

ମଳୟ ଛୁଆଁରେ ଗଛରେ ଗଛରେ
ଜମୁଛି ନୂତନ ରୂପ
ମନେହୁଏ ପୁଣି ପ୍ରକୃତିରାଣୀଠି
ପଡ଼ିଛି ବସନ୍ତ ଛାପ ।

+ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

ବିଦ୍ୟାର ମନ୍ଦିର

ଅମରନାଥ ବାରିକ୍

ବିଦ୍ୟାଳୟ ତ ନୁହେଁ, ତାହା ହେଉଛି ଦେବାଳୟ । କାହିଁକି ନା ଯେଉଁଠି କୁନିକୁନି ପିଲାମାନଙ୍କର ନିଛନ୍ଦ କୋଳାହଳ, ପରସ୍ପର ମଧ୍ୟରେ ସୁନ୍ଦର ବନ୍ଧୁତା, ଯେଉଁ ବନ୍ଧୁତ୍ୱରେ ସ୍ୱାର୍ଥ ନାହିଁ, ସରଳ ନିରୀହ ମୁହଁରେ ସରସ ହସ ଆଉ କଅଁଳ ମୁଖରେ ହେଉଥାନ୍ତି ଦରୋଟି କଣ୍ଠରେ କଥାବାର୍ତ୍ତା । ପ୍ରକୃତରେ ଯଦି କେଉଁଠି ଈଶ୍ୱର ଥାଆନ୍ତି ତାହେଲେ ଏହି କୋମଳମତି ଶିଶୁ ମାନଙ୍କଠାରେ ହିଁ ପ୍ରକଟ ହୋଇଥାନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅଥବା ମା ସରସ୍ୱତୀ, ବାବା ଗଣପତି । ନା ଥାଏ ତାଙ୍କ ପାଖରେ ଟଙ୍କା ପଇସାର ସ୍ୱପ୍ନ ନା ଥାଏ ତାଙ୍କ ପାଖରେ କୋଠାବାଟିର ସ୍ୱପ୍ନ । କେବଳ ଗୋଟାଏ ଜରି କାଗଜରେ ମୋଡ଼ାହୋଇ ରହିଥିବା ଚୁଟୁମା ପାଖରେ ଥାଏ ତାଙ୍କର ମନ । ମିଛ ତ ତାଙ୍କ ପାଖରେ ଟିକେ ହେଲେ ନଥାଏ । କାହିଁକି ନା ତାଙ୍କ ପାଖରେ ଥାଏ ଗୋଟାଏ ମାତ୍ର ଭୟ । ମିଛ କହିଲେ କାଳେ ପାଠ ହୁଏ ନାହିଁ । ଯଦି କେବେ କେହି ମିଛ କହିଦିଏ ତାହେଲେ ତାକୁ ଅନ୍ୟମାନେ ଡରେଇ ଥାଆନ୍ତି 'ତୋ ବିଦ୍ୟାରାଣ ମିଛ କୁହନା ।' ଆଉ ସବୁଠାରୁ ବଡ଼କଥା ହେଲା ବିଦ୍ୟାଳୟରେ ପାଠ ପଢା ଆରମ୍ଭ ହେବା ଆଗରୁ ପ୍ରାର୍ଥନାରେ ଏହି କଥା ବୋଲା ଯାଇଥାଏ -

'ସତ କହିବାକୁ କିଆଁ ଡରିବି
ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ
ମୋର ଧନ ଜନ ଲୋଡା ନାହିଁ ହେ ।'

କିଏ ବା ଭୁଲିପାରିବ ସେହି ପିଲାଦିନର ସ୍ମୃତି ସବୁକୁ ଓ ଝାଟିମାଟିର ଚାଳ ଛପର ତଳେ ପଢ଼ା ଯାଉଥିବା ସେହି ଅଭୁଲା ପାଠ, ବେତ ପାହାର । ପୁଣି ଗୁରୁଜୀଙ୍କର ସେହି ହିତ ବାଣୀ । ହଁ ଆଜିବି ମନେ ପଡ଼େ ସେହି ପୁରୁଣା କଥା । ଗୋଟିଏ କଲମରେ ବର୍ଷ ବର୍ଷ ଧରି ପାଠ ପଢ଼ିବା । ଯଦି ସେହି କଲମ ଟିଏ ହଜି ଗଲା ତାହେଲେ ମା' ଙ୍କ ଠାରୁ ଗାଳି ଶୁଣିବା । ଖାତା ସରିଗଲେ ବାପାଙ୍କ ପାଖରେ କାଗଜ ପାଇଁ ଅଳି କରିବା । ଖାଇବା ଛୁଟିରେ ସାଙ୍ଗ ମାନଙ୍କ ସହିତ ଏକାଠି ବସି ଖାଇବା । ସରସ୍ୱତୀ ପୂଜା ଗଣେଷ ପୂଜା ଆସିଲେ ମାସକ ଆଗରୁ ପାଞ୍ଚ ପାଞ୍ଚ ଟଙ୍କା ଚାନ୍ଦା ଆଦାୟ କରିବା । ତା ସହିତ ମନେପଡେ ବର୍ଣ୍ଣବୋଧ ପାଠ ।

ଚକ ଅଖ କଳ ନଳ, ଆଇ ଉଇ ।
'ହରିଣ ନ ଦିଏ ଧରା,
ଦୌଡ଼ନା ବଡ଼ ଖରା ।
ପଣସ ରସ ବଡ଼ ସରସ,
ଛପର ଘର ବଡ ଜବର ।
ପିତାମାତାଠାରୁ ବଡ଼ ଦେବତା କେ
ସରଗ ରାଇଜେ ନାହିଁ
ତାଙ୍କରି ଆଶିଷେ ସାହା ଏକା ସିନା
ବିପଦୁ ତରିବା ପାଇଁ ।'

ଧୋବ ଫରଫର ଢିଲା ପଞ୍ଜାବୀ, ନୀଳ ଉଜାଲା ରଙ୍ଗଦିଆ ଧୋତି । କଳା ରଙ୍ଗର ଫ୍ରେମ୍ ହୋଇଥିବା ଗୋଲେଇ କାଚ ଚଷମା । ପରାଗନ୍ ଭଳି ଚମଡ଼ାର ପୁରୁଣା ଚପଲ ଓ ପକେଟରେ ମରାଯାଇଥିବା କଲମ । ନିଶରୁ ହଳେ ରଖି ଆସନ୍ତି ପଢ଼ାଇବା ପାଇଁ ଆମ ଗୁରୁଜୀ । ସମସ୍ତ ଛାତ୍ରଛାତ୍ରୀ ନିଶବ୍ଦ ହୋଇ ଯାଆନ୍ତି ସେତେବେଳେ । କେବଳ ଚାଳ ଉପରୁ ଶୁଭୁଥାଏ ସେହି ଘରଚଟିଆଙ୍କ କିଚିରି ମିଚିରି ଶବ୍ଦ । ପାଠ ଶେଷରେ ଗୁରୁଜୀ ପିଲାମାନଙ୍କୁ ଗପ ଶୁଣାନ୍ତି :

'ଦିନେ ଟୁଆଁ ଟୁଇଁକୁ ଡ଼ାକି କହିଲା ଆରେ ଗୋଟେ କଥା ଜାଣିଛ ! ଭାଲୁ ଆମ ଘରକୁ ନିମନ୍ତ୍ରଣ ପତ୍ର ନେଇ ଆସିଥିଲେ ଆଜି । ସେ ବହୁତ କରି କହି ଯାଇଛନ୍ତି ଯେ ଆମକୁ ଯିବା ପାଇଁ କାଲି ସନ୍ଧ୍ୟାରେ ହାତୀ ରାଜାଙ୍କ ବାହାଘରକୁ । ହାକିମ ହାତୀ ରାଜା ଦୂରରୁ ଥାଇ କହିଛନ୍ତି ଯେ ତାଙ୍କ ବାହାଘରରେ ଆମକୁ ବରଯାତ୍ରୀ ହୋଇ ଯିବା ପାଇଁ । ତାଙ୍କ ବାହାଘରରେ ତେଲିଙ୍ଗି ବାଇଦ ତୂରୀ, ଭେରି, ମହୁରୀ, ଶଙ୍ଖ ବାଜିବ । ଠେକୁଆ ମାନେ ଦଳବଳ ହୋଇ ନାଚିବେ । ଗଧ ମାନେ ଲିଚୁ ଲାଇଟି ଗଛଫୁଲ ଆଦି ଧରି ଚାଲିବେ । ବାଘ ଭାଇନା ବାଣୁଆ ହୋଇ ଜଙ୍ଗଲରେ ବାଣ ଫୁଟାଇବେ । ବାକି ଆଉ ଯେତେ ଜୀବଜନ୍ତୁ ସବୁ ରହିଲେ ଜଙ୍ଗଲରେ ସେମାନେ ମିଶି ହାତୀ ରାଜାଙ୍କ ରଥ ଟାଣିବେ । ଯେତେବେଳେ ହାତୀରାଜା ରୋଷଣୀ କରି ଘରୁ ବାହାରି ଯିବେ ସେତେବେଳେ ବେଙ୍ଗୁଲି ମାନେ ହୁଳହୁଳି ପାକାଇବେ ଓ ବେଙ୍ଗ ମାନେ ତାଳି ମାରିବେ । ବାକି ରହିଗଲେ ବିଲୁଆ ନନା ସେ ବେଦମନ୍ତ୍ର ପଢ଼ି ଫୁଲମାଳ ପିନ୍ଧାଇ ହାତୀ ରାଜାଙ୍କର ବାହାଘର କରିବେ । ଓଟମାନେ ମିଠାଇ କ୍ଷୀରି ଆମ୍ବିଳ ପୁରି ଇତ୍ୟାଦି ବାଣ୍ଟିବେ ବସି । ନେଉଳ ଶ୍ୱାନ ଆଉ ଯେତେ ପଶୁ ପକ୍ଷୀ କୀଟ ପତଙ୍ଗ ରହିଲେ ସେମାନେ ସବୁ ମନ ଖୁସିରେ ବସି ଭୋଜିଭାତ ଖାଇବେ ହସିହସି । ହରିଣ ମାନେ ସେହି ଭୋଜିଭାତ ରାନ୍ଧିବେ ସୁସ୍ୱାଦୁ କରି । ଖାଇବା ପରସିବା କାମ ସବୁ ସିଂହମାନେ କରିବେ । ଶେଷରେ ଘୋଡ଼ା ଗାଡ଼ିରେ ଆଣି ଆଦରର ସହ ଘରେ ଛାଡ଼ିଦେଇ ଯିବେ । ସେଠାରେ ବହୁତ ଆନନ୍ଦ ଲାଗିବ । ତେଣୁ ଆମେ କାଲି ସନ୍ଧ୍ୟାରେ ନିଶ୍ଚୟ ଯିବା ବୋଲି ଟୁଇଁ ଟୁଆଁକୁ କହିଲା କାନରେ ।' ଏମିତି ପ୍ରକାରର ଗପ ଗୀତ ପାଠ ସମ୍ଭାରକୁ ନେଇ ରସମୟ ହେଉଥିଲା ପାଠପଢ଼ା । ଯାହା ଆଜିର ଶିଶୁମାନଙ୍କ ପାଇଁ ଏକ ଉଦାହରଣ । କେବଳ କାନ୍ଥରେ ଝୁଲୁଥିବା ଫଟଭଳି ସେହି ସମୟ ପାଲଟି ଯାଇଛି ଅଲୋଡ଼ା ଅଭୁଲା ଅତୀତ ହୋଇ ଆଜି । କଥା ଛଳରେ ଏହି କ୍ଷୁଦ୍ର ଶିଶୁ ଗଳ୍ପଟି ଥିଲା । ଯାହା ଆଗରୁ ଏହି ଗଳ୍ପ ସମ୍ବନ୍ଧୀୟ ଏକ କବିତା ରଚନା କରିବାରେ ସକ୍ଷମ ହୋଇଥିଲି ମା' ସରସ୍ୱତୀଙ୍କ କୃପାରୁ ।

+ଗ୍ରା/ପୋ-କୟାଁ, ଥା-
ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

ନୂଆ ଘର କରୁଥିବା ଘରମାଲିକ ଏଥର ପ୍ଲାନ ଆପ୍ରୁଭାଲ ସହ ଅକୁପାନ୍ସି ସାର୍ଟିଫିକେଟ ନେବାକୁ ପଡିବ: ନହେଲେ ପାଣି ବିଜୁଳି ମିଳିବନି

ରାଉରକେଲା, ୧୪/୨ (ନି.ପ୍ର): ଘରମାଲିକ ମାନଙ୍କ ଲାଗି ସରକାର ପୁଣି ଆଣିଲେ ନୂଆ ନିୟମ, ଯଦି ନିଜ ଯାଗାରେ ଫେବୃଆରୀ ୧ ତାରିଖ ପରଠାରୁ ଘର କରୁଛନ୍ତି ପୂର୍ବଭଳି ପ୍ଲାନ ଅନୁମୋଦନ ସହ ଗୃହ ପ୍ରବେଶ କିମ୍ୱା ଅକୁପାନ୍ସି ଲାଗି ମହାନଗର ନିଗମ ଠାରୁ ପ୍ରମାଣପତ୍ରନେବାକୁ ପଡିବ ନଚେତ ପାଣି ଓ ବିଜୁଳି ସେ ଘରକୁ ମିଳିବ ନାହିଁ କ୍ଷ ରାଉରକେଲା ସହରରେ ଏମିତି ଲକ୍ଷ ଲକ୍ଷ ଘର ରହିଛି ଯାହା ବିନା ପ୍ଲାନରେ ମନଇଚ୍ଛା ତିଆରି ହୋଇଛି ସୋସାଇଟିକୁମଧ୍ୟ ତାହା ସମସ୍ୟା କରୁଛି କିନ୍ତୁ କର୍ମଚାରୀ ଅଭାବରୁ ମହାନଗ ର ନିଗମ ସେନେଇ କୌଣସି ପଦକ୍ଷେପ ନେଇପାରୁନାହିଁ, ଯଦିକିଏ ଅଭିଯୋଗ କଲା ତେବେ କାଁ ଭାଁ କାର୍ଯ୍ୟାନୁଷ୍ଠାନ ହୋଇଛି ଅତିତରେ। ତେବେ ବର୍ତମାନ ମୁଣ୍ଡବିହୀନ ଆରଏମସି ପ୍ଲାନିଂ ବିଭାଗ ଯାହାର ମୁଖିଆ ଜଣେ ସହକାରୀ ପ୍ଲାନିଂ ଅଫିସର, ଏଠାରେ ପ୍ଲାନିଂ ଅଫିସର ପଦବୀ ଅନେକ ଦିନରୁ ଖାଲିପଡିଛିସେମାନଙ୍କୁ ନେଇ ଏଭଳି ନୂଆ ନିୟମ ଯାହାକି ୪ ବର୍ଷ ତଳୁ ରାଜ୍ୟ ସରକାରଙ୍କର ଏହି ବିଭାଗରେ କାର୍ଯ୍ୟକାରୀ ହୋଇସାରିଛି କିନ୍ତୁ, ରାଉରକେଲାରେ କାର୍ଯ୍ୟକାରୀ ହୋଇନଥି ଲା, ତାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରଶାସନ ଅଂଟା ଭିଡିଛି ।ଭଲ କଥା ଏହାଦ୍ୱାରା ଲୋକେ ସଚେତନ ହେବାସହ ବେଆଇନ ନିର୍ମାଣ ରୋକିବ ଓ ପରବର୍ତି ପିଢି ଲାଗି ଏକ ସୁନ୍ଦର ସହର ପରିବେଶ ଦେଖିବାର ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଉଛି । ତେବେ ସରକାରଙ୍କର ଏହି ନିୟମକୁ ୪ ବର୍ଷ ପରେ ରାଉରକେଲାରେ ଲାଗୁ କରାଯାଉଛି ଅର୍ଥାତ ବିଜେପି ସରକାର ଆସିବା ପରେ ଲାଗୁ କରାଯାଉଛି ଓ ଲୋକଙ୍କୁ ଭଲ ଉପହାର ଦିଆଯାଉଛି ବୋଲି ଆଲୋଚନା ଚାଲିଛି । ଏନେଇ ଅନେକ ପଲିଟିକାଲ ସମାଲୋଚନା ମଧ୍ୟ ହେଲାଣି ।ସୁନ୍ଦରଗଡ ଜିଲ୍ଲାପାଳଙ୍କର ଏକ ଚିଠିକୁ ଉଦ୍ଧାର କରି ରାଉରକେଲା ମହାନଗର ନିଗମ କମିଶନର କୁଲକର୍ଣି ଆଜି ମିଡିଆକୁକହିଛନ୍ତି ଯେ ଏଭଳି ନିୟମ ଲାଗୁ ହେବା ଦ୍ୱାରା ସହରରେ ମନଇଚ୍ଛା ନିର୍ମାଣ ବନ୍ଦ ହେବ। ଯଦି କେହି ପୁରୁଣା ଘରକୁ ବଢାଇବାକୁ ଚାହୁଁଛି ତେବେ ପ୍ଲାନ ଅନୁଶାରେ ତାଙ୍କୁ ପୁଣି ଘର ବଢାଇ ସାରି ଅକୁପାନ୍ସି ସାର୍ଟିଫିକେଟ ନେବାକୁ ପଡିବ।ଯେଉଁମାନେ ଆଗରୁ ଘର ତିଆରି କରିସାରିଛନ୍ତି ସେମାନେ ଅକୁପାନ୍ସି ସାର୍ଟିଫିକେଟ ଲାଗି ମହାନଗର ନିଗମକୁ ଆବେଦନ କରିପାରିବେ। ତେବେ ପୁରୁଣା ଘରଗୁଡିକରେ ଯଦି ଆପ୍ରୁଭାଲ ପ୍ଲାନ ଠାରୁ କିଛିଅଧିକ ହୋଇଛି ତେବେ ସେନେଇ ମହାନଗର ନିଗମ ସେ ସମ ସ୍ୟାର ରାସ୍ତା ଦେଖାଇବ କିନ୍ତୁ ଯଦି କେହି ଭାବୁଥିବେ ସର୍ବକ୍ଷମାଆସିବ ଓ ସେଥିରେ ସବୁ ଠିକ ହୋଇଜିବ ତାହା ଭୁଲ ବୋଲି କମିଶନର କହିଛନ୍ତି ।ତେବେ କୁହାଯାଉଛି ସରକାରୀ ନିୟମ ସବୁବେଳେ ରହିଥିଲା ଓ ରହିଛି ମଧ୍ୟ ତଥାପି ବେଆଇନ ଭାବେ ଅନେକ ଘର ବିନାପ୍ଲାନରେ ଅନେକ ଘର ହେଲା ଓ ଚାଲିଛି ମଧ୍ୟ ବର୍ତମାନ ଆଉ ଏକ ନିୟମକୁ ପ୍ରଶାସନ ଲାଗୁ କଲା , ଏହାକୁ ଦେଖିବାକୁ ମଧ୍ୟ ଅଧିକାରୀ ଓ କର୍ମଚାରୀ ଆରଏମସିରେ ନାହାନ୍ତି ତେବେ ଏ ନୂଆ ନିୟମ କିଭଳି କାର୍ଯ୍ୟକାରୀ ହେଉଛି ଓ ଲୋକେ ଏଥିରୁକେତେ ଉପକୃତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୪/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ ପରିସରରେ ଆସନ୍ତା ମାର୍ଚ୍ଚ ୮ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ସୁମିତ୍ରା ସାହୁଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ଡିଜେଏମ୍ ଇରା ପଟ୍ଟନାୟକ, ଜେଏମ୍‌ଏଫ୍‌ସି ସସ୍ମିତା ସାହୁ, ସିଭିଲ ଜଜ କମ୍ ଚେୟାରମ୍ୟାନ ଦେଓ୍ୱାନୀ ସତ୍ୟଦର୍ଶୀ ନନ୍ଦ, ଜେଏମ୍‌ଏଫ୍‌ସି ରାଜନଗର ଶ୍ରୀନିବାସ ମିଶ୍ର ପ୍ରମୁଖ ସମସ୍ତ ବିଚାରପତି ଓ ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଉପସ୍ଥିତ ରହି ଆସନ୍ତା ମାର୍ଚ୍ଚ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆସନ୍ତା ରାଷ୍ଟ୍ରୀୟ ଲୋକ ଅଦାଲତରେ ଯେଉଁ କେସ୍‌ଗୁଡ଼ିକ ଉକ୍ତ କୋର୍ଟରେ ବିଚାରଧୀନ ଅଛି କିପରି ଅତି ସହଜରେ ବହୁମାତ୍ରାରେ ସମାଧାନ ହୋଇ ପାରିବ ସେ ସଂପର୍କରେ ଯତ୍ନବାନ ହେବାକୁ ଆଲୋଚନା କରିଥିଲେ।

ଯନ୍ତ୍ରଣାରେ ଜର୍ଜରିତ ପାହାଡ଼ି ଗ୍ରାମଗୁଡିକରେ ବାସ କରୁଥିବା ଅଧିବାସୀମାନଙ୍କ ଜୀବନ

ମାଲକାନଗିରି, ୧୪/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବାହାରି ଲୋକଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଥିବା ବେଳେ ଏଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ଅବସ୍ଥା କିନ୍ତୁ ବିପର୍ଯ୍ୟସ୍ତ। ଯନ୍ତ୍ରଣାରେ ଜର୍ଜରିତ ପାହାଡ଼ି ଗ୍ରାମଗୁଡିକରେ ବାସ କରୁଥିବା ଅଧିବାସୀମାନଙ୍କ ଜୀବନରେ ହସ ଫୁଟିବ କେବେ। ନିର୍ବାଚନ ଆସେ ଓ ଯାଏ। ଲୋକଙ୍କୁ ପ୍ରତିଶ୍ରୁତି ଦେଇ ନେତା ଓ ମନ୍ତ୍ରୀ ଚାଲିଯାନ୍ତି। ପ୍ରତିଶ୍ରୁତି କେବଳ ପାଣି ଗାର ସଦୃଶ୍ୟ ହୁଏ। ଆଜି ବି ଲୋକେ ମୌଳିକ ସୁବିଧା ପାଇଁ ଆନ୍ଦୋଳନ କରିବାକୁ ପଛାଉ ନାହାନ୍ତି। କିନ୍ତୁ ମିଳୁଛି କଣ। କେବଳ ପ୍ରତିଶ୍ରୁତି। ଯଦି ଦେଖିବା ଜିଲ୍ଲାର ଖଇରପୁଟ ବ୍ଲକର ରାସବେଡା ପଂଚାୟତରର ତାଗବେଡା, ବଣ୍ଡାଘାଟିର ବନ୍ଧଗୁଡ଼ା, କିର୍ସାନିପଡା ଭଳି ବହୁ ଗ୍ରାମ ପାହାଡ଼ି ହୋଇଥିବା ବେଳେ ପ୍ରଶାସନ ଅଧିକାରୀଙ୍କ ପାଦ ଏହି ଗାଁ ମାନଙ୍କରେ କେବେ ପଡି ନାହିଁ। ଦୁଇ ଆଦିମ ଜନଜାତି ବଣ୍ଡା ଓ ଡାଡାୟୀ ଦଶନ୍ଧି ଦଶନ୍ଧି ଧରି ନିଜର ଭାଗ୍ୟକୁ ଆଦରି ଏହି ପାହାଡି ଗାଁମାନଙ୍କରେ ପାହାଡ ଉପରେ ନିର୍ଭର କରି ଜୀବନ ବିତାଉଛନ୍ତି। ପାହାଡ଼ିଆ ରାସ୍ତାରେ ଚାଲିବା ତାଂକର ଅଭ୍ୟସ୍ତରେ ପାଲଟିଗଲାଣି। ପାଣି ପାଇଁ ବର୍ଷ ତମାମ ପାହାଡ଼ିଆ ଝରଣା ଏବଂ ଚୁଆ ଉପରେ ହିଁ ନିର୍ଭର କରନ୍ତି। ବହୁ ସମୟରେ ପାଣି ପାଇଁ ମାଇଲ ମାଇଲ ବାଟ ମଧ୍ୟ ଚାଲିବାକୁ ପଡ଼େ। ରାସ୍ତା ନଥିବାରୁ ଗାଁକୁ ନା ଆମ୍ବୁଲାନ୍‌ସ ଆସୁଛି ନା କୌଣସି ସରକାରୀ ବାବୁଙ୍କ ପାଦ ପଡୁଛି। ରୋଗୀ ଓ ଗର୍ଭବତୀ ତଥା ପ୍ରସୂତୀଙ୍କୁ କାଉଡି କରି କିମ୍ୱା ଖଟିଆରେ ମେଡିକାଲ ନେବାକୁ ପଡିଥାଏ। ଅଜଣା ରୋଗର ଶିକାର ହୋଇ ଅକାଳରେ ବହୁ ଲୋକଙ୍କ ଜୀବନ ଯାଏ। ଏହାର ହିସାବ ନା ସ୍ୱାସ୍ଥ୍ୟ ବିଭାଗ ପାଖରେ ନା ପ୍ରଶାସନ ପାଖରେ ରହିଛି ।୨୦୧୬ରେ ଜାପାନୀ ଜ୍ୱରରେ ଏହି ଅଂଚଳର ବହୁ ପିଲାଙ୍କ ଜୀବନ ଚାଲିଯାଇଛି। କେବଳ ଉଚିତ ଚିକିତ୍ସା ଅଭାବରୁ। ଭୋଟ ମାଗିବା ପାଇଁ ନେତାମାନେ ଚାଲି ଚାଲି କିନ୍ତୁ ପାହାଡି ରାସ୍ତା ଅତିକ୍ରମ କରି ଗାଁରେ ପହଂଚି ଲୋକଙ୍କୁ ଆଶ୍ୱାସନା ଦେଇ ଭୋଟ ନିଅନ୍ତି। କିନ୍ତୁ, ପରମୁହୂର୍ତ୍ତରେ ତାକୁ ଭୁଲିଯାନ୍ତି ବୋଲି ଗ୍ରାମବାସୀ କହନ୍ତି। ଖଇରପୁଟ ବ୍ଲକରେ ମୁଦୁଲିପଡା, ଅଣ୍ଡ୍ରାହାଲ, ରାସବେଡା ଗୋବିନ୍ଦପାଲୀ, ପୋଡାଘାଟ, ବଡ଼ଡୁରାଲ ଭଳି ପଂଚାୟତର ବହୁ ଗ୍ରାମ ଆଜି ବି ପାହାଡ଼ ଉପରେ ରହିଛି। ପାହାଡ଼ ଉପରେ ବସବାସ କରୁଥିବା ଲୋକଙ୍କ ଚିତ୍କାର କେବଳ ପଥରରେ ପିଟି ହୋଇ ସେଠାରେ ହିଁ ରହିଯାଉଛି। ବହୁ ପାହାଡିଆ ଗ୍ରାମରେ ଆଜି ବି ସ୍କୁଲ ଓ ଅଂଗନବାଡ଼ି ନାହିଁ। ବହୁ ପିଲା ଅପପୁଷ୍ଟିର ଶିକାର ହେଉଛନ୍ତି। ସରକାର ଚେତିଲେ ପାହାଡ଼ିଆଙ୍କ ଭାଗ୍ୟ ବଦଳିବ ବୋଲି କୁହାଯାଇଛି। ତେବେ ସରକାର କେବେ ଚେତୁଛନ୍ତି ଦେଖିବାକୁ ବାକି ରହିଲା।

ରକ୍ତଦାନ କରି ଯୁବକଙ୍କ ଜୀବନ ବଂଚାଇଲେ ସିଦ୍ଧେଶ୍ୱରୀ

ବଲାଙ୍ଗିର, ୧୪/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ବଥର୍ଲା ଗ୍ରାମର ପୂର୍ବତନ ମନ୍ତ୍ରୀ ଅଇଁଠୁ ସାହୁଙ୍କ ପୁତୁରା ଚନ୍ଦ୍ରଗୁପ୍ତ ସାହୁ ବଲାଙ୍ଗିରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ ଅସ୍ତ୍ରୋପଚାର ପାଇଁ ଜରୁରୀକାଳିନ ରକ୍ତ ଯୋଗାଡ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ରାତି ୯ଟାରେ ରକ୍ତ ଯୋଗାଡ କରିବାରେ ତାଙ୍କ ପକ୍ଷରେ ସମ୍ଭବ ନ ହେବାରୁ ସେମାନେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ । ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ସହଯୋଗ କ୍ରମେ ସିଦ୍ଧେଶ୍ୱରୀ ପ୍ରଧାନ ଆସି ରକ୍ତଦାନ କରିଥିଲେ । ଏହି ଅବସରରେ ରକ୍ତଦାତା ସିଦ୍ଧେଶ୍ୱରୀଙ୍କୁ ଯୁବ ସଂଗଠନ ତରଫରୁ ଫୁଲ ଗଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତଦାନ ସମୟରେ ବ୍ଲଡ ବ୍ୟାଙ୍କ ଇନ୍‌ଚାର୍ଜ ନରେଶ ମିଶ୍ର, ଷ୍ଟାଫ୍ ଜ୍ୟୋତିର୍ମୟୀ ନାୟକ ଉପସ୍ଥିତ ଥିଲେ । ଯୁବ କୁଲୁତା ସମାଜର ଏଭଳି ମହତ କାର୍ଯ୍ୟ ପାଇଁ ଛତିଶଗଡ ଯୁବ କୁଲୁତା ସମାଜ ସଭାପତି ଗିରିଧାରୀ ସାହୁ, ଓଡିଶା କୁଲୁତା ସମାଜ ସହ-ସଂପାଦକ କ୍ଷେତ୍ରବାସୀ ପ୍ରଧାନ, ଅତାବିରା ବ୍ଲକ ସଭାପତି ଦିବାକର ପ୍ରଧାନ, ନୂଆପଡା ଜିଲ୍ଲା ସଭାପତି ସରୋଜ ସାହୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପଂଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ

କନ୍ଧମାଳ, ୧୪/୨ (ନି.ପ୍ର): ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପଂଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ସ୍ଥାନୀୟ କରୋନେସନ୍ ପଡ଼ିଆରେ ଅତି ଆଡମ୍ବର ସହକାରେ ଉଦଘାଟନ ହୋଇଯାଇଛି। ଉତ୍ସବର ଉଦଘାଟକ ଭାବେ ଯୋଗଦେଇ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଏହି ୧୨ ଦିନ ବ୍ୟାପି ହେବାକୁ ଥିବା ମେଳାକୁ ଉଦଘାଟନ କରି, ମନୁଷ୍ୟ ଯେତେ ଆଧୁନିକତା ଏବଂ ପଢିବାର ଯେତେ ଉନ୍ନତ ସାଧନ ପ୍ରସ୍ତୁତ କରିଥିଲେ ମଧ୍ୟ ପୁସ୍ତକ ଉପାଦେୟତା ଏବଂ ଏହାକୁ ପଢିବାର ଆବଶ୍ୟକତାକୁ ଅଣଦେଖା କରିବା ଉଚିତ୍ ନୁହେଁ ପୁସ୍ତକ ପଢିବା ଦ୍ୱାରା ହିଁ ଉଲ୍ଲେଖ ଥିବା ବିଷୟର ମର୍ମ ଓ ସ୍ପର୍ଶ କାତରତାକୁ ଅନୁଭବ କରି ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଢୀ ଯୋଗଦେଇ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଉଭୟ ମତର ଖୁବ୍ ସୁନ୍ଦର ଉଦାହରଣ ଦେଇ ଆଧୁନିକତାର ବସବର୍ତୀ ହୋଇ ମନୁଷ୍ୟ କିଭଳି ଭାବେ ଉନ୍ନତିର ଦୌଡ ଆଳରେ ଅବନତି ଆଡକୁ ଦ୍ରୁତ ଗତିରେ ଦୌଡୁଛି ବୋଲି କହିଥିଲେ। ଏହାଦ୍ୱାରା ମନୁଷ୍ୟକୁ ବିଭିନ୍ନ ରୋଗ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ପୁସ୍ତକ ପଢିବା ଦ୍ୱାରା ମନୁଷ୍ୟ ଭୁଲିଯିବା ଭଳି ରୋଗର ଶୀକାର ହୁଏନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ ଯୋଗଦେଇ ପୁସ୍ତକ ମେଳାର ଇତିହାସ ଓ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଜାନୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ସାହିତ୍ୟକୁ ଉଦ୍ଦୀବିତ କରି ରଖିବାରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଏହି ନିରନ୍ତର ପ୍ରୟାସକୁ ପ୍ରସଂସା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଅନୁଷ୍ଠାନ ଦ୍ୱାରା ଜାରି ରହିଥିବା ଦୀର୍ଘ ୧୫ ବର୍ଷର ସଫଳତା ଯୋଗୁଁ ଜିଲ୍ଲାରେ ସାହିତ୍ୟର ପ୍ରସାର ସମେତ ଜିଲ୍ଲାରେ ଥିବା ତଳ ସ୍ତର ଠାରୁ ଆରମ୍ଭ କରି ସବୁ ସ୍ତରର ଏବଂ ସବୁ ବର୍ଗର ଛାତ୍ରଛାତ୍ରୀମାନଙ୍କ ପ୍ରତିଭା,ବରିଷ୍ଠ ନାଗରିକ, କ୍ରୀଡାବିତ୍, କଳାକାର, ଶିକ୍ଷାବିତ୍, ସମାଜ ସେବୀ, ପୁରୁଷ ଓ ମହିଳା ରକ୍ତଦାତା ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସମେତ ବିଭିନ୍ନ ପ୍ରତିଭାର ଅଧିକାରୀ ପୁରୁଷ ଓ ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରି ଲୋକଲୋଚନକୁ ଆଣି ସେମାନଙ୍କର ଉତ୍ସାହ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରି ଆସୁଛି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ଦିର୍ଘ ୩୨ ବର୍ଷ ଧରି ପ୍ରକାଶ ପାଉଥିବା ସ୍ମରଣୀକା, 'ବନଜ୍ୟୋତ୍ସ୍ନା' ଏବଂ ଡଃ. କାହ୍ନୁଚରଣଙ୍କ ସଙ୍କଳନ ପୁସ୍ତକ 'ସମୟର ସ୍ୱୟମ୍ବର' ନମସ୍ତେ ଓ 'ବିପ୍ଳବର ମହାନାୟକ ନେତାଜୀ ସୁଭାଷ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ର ମୁଖ୍ୟ ସମ୍ପାଦକ ଡଃ କାହ୍ନୁଚରଣ ଶତପଥୀ ପରିଚାଳନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟା ପ୍ରଣତି ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ତରର ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ବିରାଜିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅଧିକ କେନ୍ଦୁପତ୍ର ସଂଗ୍ରହ କରି ପଣ୍ଡକିଟାଲ ଫଡ଼ି ଘର ମୁନସୀ ସମ୍ମାନିତ

ବଲାଙ୍ଗିର, ୧୪/୨ (ନି.ପ୍ର): ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନସ୍ଥ ପଣ୍ଡକିଟାଲ ସ୍ଥିତ କେନ୍ଦୁପତ୍ର ଫଡି ଘର ମୁନସୀ ଜୟନ୍ତ ପଧାନଙ୍କୁ ସର୍ବାଧିକ କେନ୍ଦୁପତ୍ର ସଂଗ୍ରହ କରିଥିବା ନେଇ ସମ୍ମାନିତ କରାଯାଇଛି । ଜଙ୍ଗଲ ସୁରକ୍ଷା ଓ କେନ୍ଦୁପତ୍ର ବୃଦ୍ଧି ପାଇଁ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଲୋଇସିଂହା ଫରେଷ୍ଟ ରେଞ୍ଜର ପାଉଲ ହରପାଲ ମୁଖ୍ୟ ଅତିଥି ଓ ଲୋଇସିଂହା କେନ୍ଦୁଲିଫ ଫରେଷ୍ଟର ଶୁଭଶ୍ରୀ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ପ୍ରଥମେ କେନ୍ଦୁପତ୍ର ବୃଦ୍ଧି ଦିଗରେ ଆଲୋଚନା ହୋଇଥିଲା । ପ୍ରାୟତଃ ଭଲପତ୍ର ଅଧିକ ମାତ୍ରାରେ ପାଇବା ପାଇଁ କେନ୍ଦୁପତ୍ର ତୋଳାଳୀ ଓ ଗଛ କଟାଳୀ ଗଛ କାଟିବା ସହିତ ନିଆଁରେ ପୋଡ଼ି ଦେଇଥାନ୍ତି । କିନ୍ତୁ ଅନେକ ସମୟରେ ଉକ୍ତ ନିଆଁ ଶୁଖିଲା ପତ୍ର ପୋଡିବା ସହିତ ଜଙ୍ଗଲକୁ ନଷ୍ଟ କରିଥାଏ । ତେଣୁ ସେ ଦିଗରେ ସାବଧାନତା ଅବଲମ୍ବନ କରିବାକୁ ରେଞ୍ଜର ଶ୍ରୀ ହରପାଲ କହିଥିଲେ । ସେହିପରି ଆହୁରି ବିଭିନ୍ନ ଅସାବଧାନତା ଯୋଗୁଁ ଜଙ୍ଗଲରେ ନିଆଁ ଲାଗି ଜୀବନ୍ତ ବୃକ୍ଷଲତା ସହିତ ଜୀବଜନ୍ତୁ ମଧ୍ୟ ପୋଡ଼ି ମୃତ୍ୟୁ ମୁଖରେ ପଡିଥାନ୍ତି । ତେଣୁ କୌଣସି ଜାଗାରେ ନିଆଁ ଲାଗି ଥିବା ଦେଖି ଚୁପ୍ ରହିବା ପୂର୍ବରୁ ଆୟତ୍ତ କରିବା ପାଇଁ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନସ୍ଥ ଆଡେନଡୁଙ୍ଗୁରୀ ସେକ୍ସନ ଅନ୍ତର୍ଗତ ଆଡେନଡୁଙ୍ଗୁରୀ, ଝରଣୀପାଲି, କେନ୍ଦୁମୁଣ୍ଡି, ସାହାଜ ଛାପର, କୁଦୋପାଲି, ପଣ୍ଡକିଟାଲ, ପରଧୁଆପାଲି, କର୍କଟିଆ, କନ୍ଦାୟୁରୀ ଓ ଟୁଙ୍ଗିଦାଦର୍ ଫଡି ଘରର ମୁନସୀ, ଚପରାସୀ ଓ ଚେକର ଯୋଗ ଦେଇଥିଲେ । ଏହି ଅବସରରେ ଗତ ୨୦୨୩-୨୪ ବର୍ଷ ପାଇଁ ଅଧିକ କେନ୍ଦୁପତ୍ର ସଂଗ୍ରହ କରିଥିବା ପଣ୍ଡକିଟାଲ୍ ଫଡ଼ିର ମୁନସୀ ଜୟନ୍ତ ପଧାନ, ଚପରାସୀ ସନ୍ତୋଷ ଗଡତ୍ୟା ଓ ଝରଣୀପାଲି ଫଡ଼ି ମୁନସୀ ମଣ୍ଡୁ ବାରିକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପଣ୍ଡକିଟାଲ୍ ଫଡ଼ି ମୁନସୀ ଜୟନ୍ତ ପଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ମଦ ପ୍ରସ୍ତୁତ ସମୟରେ ଚଢାଉ : ଜଣେ ଗିରଫ

ଜୟପୁର, ୧୪/୨ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସମୟରେ ବୋରିଗୁମ୍ମା ଅବକାରି ଥାନା ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜଗବନ୍ଧୁ ନାୟକ । ଦେଶି ମଦ ପ୍ରସ୍ତୁତ ସହ ଲଚାଇ ରଖିଥିବା ସୁଚନା ପାଇ ବୋରିଗୁମ୍ମା ଅବକାରି ଥାନା କେବିଡି ଜଙ୍ଗଲରେ ଚଢାଉ କରିଛି । ଚଢାଉ କରି ୬୦ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ କୁ ଆଜି ଅପରହ୍ନ ୪ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ବୋରିଗୁମ୍ମା ଅବକାରି ଓଆଇସି ବିଶ୍ୱଜିତ ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

ଅରେଇକଣା ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧର୍ମଶାଳା, ୧୪/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅରେଇକଣାସ୍ଥିତ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ୪୭ ତମ ବାର୍ଷିକ

ଓଡିଶା ସାମ୍ବାଦିକ ସଂଘର ବାର୍ଷିକ ସମ୍ମିଳନୀ

■ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି
■ସାମ୍ବାଦିକ ମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ପାଇଁ ସରକାରୀ ସ୍ତରରେ ପ୍ରୟାସ ଲୋଡ଼ା

ଭୁବନେଶ୍ୱର , ୧୪/୨ (ନି.ପ୍ର): ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ ସଠିକ ତଥ୍ୟ ପରିବେଷଣ କରିବା ଜଣେ ସାମ୍ବାଦିକର ନୈତିକ କର୍ତ୍ତବ୍ୟ, ସେହିଭଳି ସାମ୍ବାଦିକ ମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ପାଇଁ ସରକାରୀ ସ୍ତରରେ ପ୍ରୟାସ ଲୋଡ଼ା ବୋଲି ଆଜି ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ପଞ୍ଚଦଶ ବାର୍ଷିକ ସାଧାରଣ ପରିଷଦ ବୈଠକ ତଥା ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସ୍କୁଲ ଏବଂ ଗଣ ଶିକ୍ଷା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଘରୋଇ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର ନିଜର ବକ୍ତବ୍ୟରେ କହିଛନ୍ତି । ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଯୋଗଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହାରୀ ବୋଲି କହିଥିଲେ ।

ଅଜେୟୁର ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପ୍ରଥମେ ପରଲୋକଗତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଉପଲକ୍ଷେ ସଂଘର ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ଯୋଗ ଦେଇ ମୂଲ୍ୟବୋଧ ସାମ୍ବାଦିକତା ମାଧ୍ୟମରେ ଏକ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଭଞ୍ଜସେନାର ଅଧ୍ୟକ୍ଷ ସଂଜୀବ କୁମାର ରାଉତ ଯୋଗଦେଇ ସାମ୍ବାଦିକ ମାନଙ୍କର ବୃତ୍ତିଗତ ଏବଂ ସାମାଜିକ ସୁରକ୍ଷା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ. ଏହି ଅବସରରେ ବିଭିନ୍ନ ଜିଲ୍ଲା ୟୁନିଟ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଙ୍ଘର ରାଜ୍ୟ ନିର୍ବାଚନ ଅଧିକାରୀ ବିଜୟ ମିଶ୍ର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କର ନାମ ଘୋଷଣା କରିଥିଲେ । ରାଜ୍ୟ ସଭାପତି ଭାବରେ ଶଶୀ ଭୂଷଣ ପ୍ରହରାଜ, ଉପସଭାପତି ଭାବରେ ଦୀପକ କୁମାର ନାୟକ, ସୁଶାନ୍ତ ମହାପାତ୍ର, ରାକେଶ ଗୁପ୍ତା, ରମଣୀ ରଂଜନ ଦାଶ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ସମ୍ପାଦକ ରାଜକିଶୋର ତ୍ରିପାଠୀ, ପ୍ରମୋଦ ସେଲମା, ରାଜ୍ୟ ସଂଗଠନ ସମ୍ପାଦକ ବାଙ୍କ ବିହାରୀ ବିଶୋଇ, କୋଷାଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ, ଉତ୍ତରଞ୍ଚଳ ପ୍ରାନ୍ତୀୟ ସମ୍ପାଦକ ଭାବରେ ରଜତ କୁମାର ପଣ୍ଡା, ଦକ୍ଷିଣାଞ୍ଚଳ ପ୍ରାନ୍ତୀୟ ସମ୍ପାଦକ ସୁବ୍ରତ ଚୌଧୁରୀ, ପଶ୍ଚିମାଞ୍ଚଳ ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ, ମହିଳା ବିଭାଗ ଆବାହିକା ଭାବରେ ବିଜୟ ଲକ୍ଷ୍ମୀ ମହାଙ୍କୁଡ ଆଗାମୀ ୩ବର୍ଷ ପାଇଁ ରାଜ୍ୟ କର୍ମକର୍ତ୍ତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ଶେଷରେ ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ବିଭିନ୍ନ ଜିଲ୍ଲା ୟୁନିଟ ତରଫରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ଦୋକାନ ଜାଳିଦେଲେ ଦୁର୍ବୃତ୍ତ: ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି

ଖଇରା, ୧୪/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଗରସଙ୍ଗ ପଞ୍ଚାୟତ ଅଧୀନ କୃଷ୍ଣପୁର ଗ୍ରାମର ମଧୁସୁଦନ ପଣ୍ଡାଙ୍କ ଦୋକାନ ଘରକୁ କୌଣସୀ ଦୃବୃତ୍ତ ପେଟ୍ରୋଲ ଜାଳି ନିଆଁ ଲାଗାଇ ଦେଇଥିବା ନେଇ ସିମୁଳିଆ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି । ଏସଆଇ ସରୋଜ କୁମାର ଦାସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଅଭିଯୋଗ ଅନୁଯାୟୀ ତାଙ୍କର ଅନ୍ତରା ଷ୍ଟେଟ ବ୍ୟାଙ୍କ ନିକଟରେ ଏକ ଭେରାଇଟି ଷ୍ଟୋର ଥିଲା । ସେ ଓ ତାଙ୍କ ସ୍ତ୍ରୀ ଅନିତା ଦୋକାନ ଚଳାଇ ପରିବାର ପୋଷଣ କରୁଥିଲେ । ହେଲେ କୌଣସୀ ଦୁବୃତ୍ତ ପ୍ରଥମେ ଜୁଲାଇ ୨୩ତାରିଖରେ ଏବଂ ପୁନର୍ବାର ଗୁରୁବାର ରାତିରେ ନିଆଁ ଲଗାଇ ଦୋକାନକୁ ପୋଡି ଦେଇଛନ୍ତି । ପାଖ ଦୋକାନ ସିସିଟିଭି ଫୁଟେଜରୁ ୨ଜଣ ଲୋକ ପେଟ୍ରୋଲ ଜାଳି ପୋଡୁଥିବା ଦୃଶ୍ୟ ଦେଖାଯାଉଥିଲେ ହେଁ ସହଜରେ ଚିହ୍ନି ହେଉଥିବା ଉଲ୍ଲେଖ କରିଛନ୍ତି ।ଦୋକାନରେ ମହଜୁଦ ଥିବା ଫ୍ରିଜ,ଫ୍ୟାନ,ଇନଭର୍ଟର ସମେତ ଦେଢଲକ୍ଷରୁ ଉର୍ଦ୍ଧ ଟଙ୍କାର ଜିନିଷପତ୍ର ପୋଡି ପାଉଁଶ ହୋଇ ଯାଇଛି । ଏବେ ପରିବାର ଚଳାଇବା ମୁସ୍କିଲ ହୋଇପଡିଥିବା ବେଳେ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସ୍ୱାମିସ୍ତ୍ରୀ ଦାବୀ କରିଛନ୍ତି ।

ସାମ୍ବାଦିକଙ୍କ ଦାବିପ୍ରତି ସରକାର ସଚେତନ: ରାଜସ୍ୱ ମନ୍ତ୍ରୀ

ବାଲେଶ୍ୱର, ୧୪/୨ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସ ପରିସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ରାଜ୍ୟ ସରକାର ସାମ୍ବାଦିକଙ୍କ ପାଇଁ ପେନସନ ବା ଭତ୍ତା ପ୍ରଦାନ କରିବା, ସାମ୍ବାଦିକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା,ଓ ସର୍ବୋପରି ଅଧିସ୍ୱୀକୃତି କମିଟି ନିୟମିତ ବସାଇବା ଆଦି ୩ଦଫା ସମ୍ବଳିତ ଦାବିପତ୍ର ମନ୍ତ୍ରୀ ଙ୍କୁ ପ୍ରଦାନ କରାଯାଇଥିଲା ।ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଓ ମିଥ୍ୟା ମାମଲାରେ ଛନ୍ଦି ଦିଆଯାଉଛି ବୋଲି ଦାବିପତ୍ର ରେ ମନ୍ତ୍ରୀ ଙ୍କୁ ଅବଗତ ୟୁନିଅନ ପକ୍ଷରୁ କରାଯାଇଥିଲା । ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେବାକୁ ଓୟୁଜେ ପକ୍ଷରୁ ବାରମ୍ବାର ଦାବି କରାଯାଉଛି ।ସେହିପରି ଅଧିସ୍ୱୀକୃତି କମିଟି ର ବୈଠକ ଦୀର୍ଘ ବର୍ଷ ଧରି ବସିନଥିବାରୁ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି ଓୟୁଜେ ପକ୍ଷରୁ କୁହାଯାଇଥିଲା । ରାଜ୍ୟ ସଂଘର ସଭାପତି ପ୍ରସନ୍ନ ମହାନ୍ତି ଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପରେ ଗତକାଲି ରାଜସ୍ୱ ମନ୍ତ୍ରୀ ଙ୍କୁ ଦିଆଯାଇଥିଲା।।ମନ୍ତ୍ରୀ ଶ୍ରୀ ପୂଜାରୀ ଦାବି ଗୁଡ଼ିକ ଉପରେ ନିଜର ମତ ଦେଇ କହିଲେ ଯେ, ସରକାର ସାମ୍ବାଦିକଙ୍କ ଦାବି ଓ ସମସ୍ୟା ପ୍ରତି ଅବଗତ ଅଛନ୍ତି । ଏଥିନେଇ ନିକଟ ଭବିଷ୍ୟତରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଏହି ଦାବି କରାଯାଇ ଆସୁଥିବା ତାଙ୍କ ନଜରକୁ ଆସିଛି ବୋଲି ସେ କହିଥିଲେ ।ସାମ୍ବାଦିକ ମାନଙ୍କ ଉପରେ ପୂର୍ବରୁ ଥିବା କେତେକ ଅଘୋଷିତ କଟକଣା କୁ ସରକାର ଉଠାଇ ଦେଇଥିବା ବେଳେ ସେମାନଙ୍କ ଦାବି ଯଥାର୍ଥ ହୋଇଥିବାରୁ ତାହା ପୂରଣ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ବେଳେଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ଦାସ,ପ୍ରସନଜିତ୍ ଆଶ, ଅଜିତ କୁମାର ମହାନ୍ତି,ହାଇଦର ଖାନ, ସୋମନାଥ ସାହୁ ଙ୍କ ସମେତ ବହୁ ସାମ୍ବାଦିକ ଙ୍କ ସହ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ପୁଲୱାମା ଶହୀଦଙ୍କ ସ୍ମୃତି ଚାରଣ କଲା: ଓୟୁଜେ

ବାଲେଶ୍ୱର, ୧୪/୨ (ନି.ପ୍ର): ଦେଶ ମାତୃକାକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଶହୀଦ ହେଉଥିବା ବୀର ଯବାନ ଙ୍କ ସ୍ମୃତିକୁ କୃତଜ୍ଞ ଦେଶବାସୀ କେବେ ଭୁଲି ପାରିବେ ନାହିଁ ବରଂ ଯୁବ ସମାଜ ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି । ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପୁଲୱାମା ସ୍ମୃତି ଦିବସ ଶହୀଦ ପାର୍କ ରେ ପାଳିତ ହୋଇଯାଇଛି ।ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ଶହୀଦ ହୋଇଥିବା ବୀର ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଯାଇଥିଲା । କାଉନସିଲର ସେଖ ଆୟୁବ ଅତିଥି ଭାବେ ଯୋଗଦେଇ ୨୦୧୯ ମସିହାରେ ଜାମ୍ମୁ କାଶ୍ମୀରର ପୁଲୱାମା ଜିଲ୍ଲା ରେ ଜାମ୍ମୁ ଶ୍ରୀନଗର ରାଜପଥ ରେ ଆତଙ୍କ ବାଦୀଙ୍କ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଗାଡ଼ି ଧକ୍କାରେ ସି ଆର ପି ଏଫ୍ ଯବାନଙ୍କୁ ନେଇ ଯାଉଥିବା ଗାଡ଼ି ଧ୍ୱଂସ ବିଧ୍ୱସ୍ତ ହୋଇଯାଇଥିବାର ସ୍ମୃତି ଚାରଣ କରିଥିଲେ । ସେ କହିଲେ ଯେ,ଏହି ବିସ୍ଫୋରଣ ରେ ଗାଡ଼ିରେ ଥିବା ୪୦ ଜଣ ଯବାନଙ୍କ ଅକାଳ ମୃତ୍ୟୁ ଘଟିଥିଲା । ଏଥିନେଇ ସମଗ୍ର ଦେଶରେ ନିମିଷକ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା ।ଏହି ବୀର ଯବାନ ଙ୍କ ସ୍ମୃତି ଆଜି ବି ସମସ୍ତ ଭାରତୀୟ ଙ୍କ ମନରେ ସତେଜ ହୋଇ ରହିଛି । ଦେଶ ପ୍ରେମ ଜାଗ୍ରତ କରିବା, ବାହ୍ୟ ଶତ୍ରୁକୁ ପ୍ରତିହତ କରିବା ପାଇଁ ଜନ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମ କୁ ସେ ପ୍ରଶଂସା କରିଥିଲେ । ୟୁନିଅନ ର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷ ତାରେ ଅନୁଷ୍ଠିତ ଏହି ସ୍ମୃତି ଦିବସ ପାଳନରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ତୃପ୍ତିକାନ୍ତ ପାଢ଼ୀ, ହିମାଂଶୁ ଦାସ,ହାଇଦର ଖାନ, ସେକ ନଜୀମ, ସୋମନାଥ ସାହୁ,ଚିତ୍ତ ରଂଜନ ନାୟକ, ସେକ ଅଜୀମ ବାଲେଶ୍ୱରୀ, ମହେଶ୍ୱର ପ୍ରଧାନ, କହ୍ନେଇ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ନାମଲେଖା ଚାଲିଛି

ପୁରୁଣା ବାରିପଦା, ମୟୂରଭଂଜ
Udise code - 21070807752
Cor No- vske/20958/2022

ନାମଲେଖା ଚାଲିଛି

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପୁରୁଣା ବାରିପଦା, ମୟୂରଭଂଜରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅବିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ୍ ୨୦୦୯ ଧାରା ୧୨(ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷାବର୍ଷ ୨୦୨୫-୨୬ ପାଇଁ www. rteparadarshiodisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି ଜନଜାତି, ସାମାଜିକ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାନ୍ତ ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି । କେବଳ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ପିଲାଙ୍କ ପାଇଁ । ଶ୍ରେଣୀ- ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ।

ପ୍ରଧାନ ଆଚାର୍ଯ୍ୟ
ବିବୋକନନ୍ଦ ଶିକ୍ଷାକେନ୍ଦ୍ର
ପୁରୁଣା ବାରିପଦା, ମୟୂରଭଂଜ

ଯୋଗାଯୋଗ - ୯୪୩୮୯୧୮୭୭୦, ୯୦୭୮୯୫୫୭୨୫

୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ ଏକ ବଡ଼ ସଫଳତା ପାଇଛି- ବିଭୁ ତରାଇ

ଭୁବନେଶ୍ୱର, ୧୪/୨ (ନି.ପ୍ର): ଦିଲ୍ଲୀ ନିର୍ବାଚନ ପରେ ଓଡିଶା ଫେରି ଜଗତସିଂହପୁର ସାଂସଦ ବିଭୁ ତରାଇ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ ଏକ ବଡ଼ ସଫଳତା ପାଇଛି । ପ୍ରଧାନମନ୍ତ୍ରୀଙ୍କ ଜନ ମଙ୍ଗଳକାରୀ କାର୍ଯ୍ୟକ୍ରମ ଲୋକଙ୍କ ଆସ୍ଥାଭାଜନ କରିପାରିଛି । ଆପ ସରକାର ଯାହା ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା କରି ନାହାନ୍ତି ଯାହା ଫଳରେ ଲୋକଙ୍କ ବିଶ୍ୱାସ ହରାଇଲା । ବିଜେପି ଯାହା ପ୍ରତିଶ୍ରୁତି ଦେଇଛି ତାହା ଆମେ କରିବୁ । ପ୍ରଦୂଷଣ କମେଇବା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ , ଅଧିକ ନିଯୁକ୍ତି ଦେବା, ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ଏ ସବୁ କାର୍ଯ୍ୟକାରୀ ହେବ । କଂଗ୍ରେସ ଏବଂ ଆପ ସରକାର ଦିଲ୍ଲୀବାସୀଙ୍କ ଆବଶ୍ୟକତାକୁ ପୂରଣ ନ ଏଭଳି ରେଜଲ୍ଟ ସେମାନେ ଦେଖିଛନ୍ତି । ଶତକଡା ୮୦ ଭାଗ ଓଡ଼ିଆ ଲୋକ ସେଠାରେ ଦିଲ୍ଲୀରେ ଆମ ପକ୍ଷକୁ ଆସିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବଡ଼ ଭେଟ୍‌ଘାଟ୍, ବଡ...

ସେ ଭିତରୁ ଶକ୍ତି ଓ ଭିତ୍ତିଭୂମି କ୍ଷେତ୍ରରେ ନିବେଶକୁ ବଢ଼ାଇବାକୁ ନିଷ୍ପତ୍ତି ହୋଇଛି । ଶକ୍ତି କ୍ଷେତ୍ରରେ ଦୁଇ ଦେଶ ଏକ ବଡ଼ ଚୁକ୍ତିନାମା ହୋଇଛି, ଯାହାଦ୍ୱାରା ଭାରତ ଏବେ ନିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆବଶ୍ୟକତାର ସର୍ବାଧିକ ଭାଗ ଆମେରିକାରୁ ହିଁ ଆମଦାନୀ କରିବ । ସେହପରି ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କକୁ ଦ୍ୱିଗୁଣିତ କରି ୫ ଶହ ବିଲିଅନ୍ ଡଲାରରେ ପହଞ୍ଚାଇବାକୁ ନିଷ୍ପତ୍ତି ହୋଇଛି । ଏହି ଅବସରରେ ଭାରତ-ଆମେରିକା ସଂପର୍କକୁ ନେଇ ଟ୍ରମ୍ପଙ୍କ ସାମ୍ନାରେ ମୋଦି ମେଗା ପ୍ଲସ୍ ମାଗା ସମାନ ମିଗାର ଫର୍ମୁଲା ରଖିଛନ୍ତି । ଅର୍ଥାତ୍ ଆମେରିକାର ମେକ ଆମେରିକା ଗ୍ରେଟ୍ ଏଗେନ ସହ ଭାତରର ମେକ୍ ଇଣ୍ଡିଆ ଗ୍ରେଟ୍ ଏଗେନ ମିଗାର ଭିଜନ୍ ବିକାଶ ପାଇଁ ଏକ ମେଗା ଭାଗିଦାରୀ ହେବ ବୋଲି କହିଛନ୍ତି ମୋଦି । କେବଳ ସେତିକି ନୁହେଁ ସମୃଦ୍ଧି ପାଇଁ ଭାରତ-ଆମେରିକା ମିଶିଲେ ୱାନ ପ୍ଲସ ୱାନ୍ ଦୁଇ ନୁହେଁ, ୧୧ ହୋଇଯିବ ବି ବୋଲି କହିଛନ୍ତି ମୋଦି । ଆମେରିକାରେ ରହୁଥିବା ଅବୈଧ ଭାରତୀୟଙ୍କ ପ୍ରସଙ୍ଗକୁ ପୁଣି ଭାରତ ସମ୍ମୁଖରେ ଟ୍ରମ୍ପ ରଖିବାରୁ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏ ଦିଗରେ ସକାରତ୍ମକ ଆଭିମୁଖ୍ୟ ରଖିଛନ୍ତି । ବେଆଇନ୍ ଭାବେ ଆମେରିକାରେ ରହୁଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ନେବାକୁ ଭାରତ ପ୍ରସ୍ତୁତ ଅଛି ବୋଲି କହିଛନ୍ତି ମୋଦି । ଟ୍ରମ୍ପ ଦ୍ୱିତୀୟ ବାର ପାଇଁ ଆମେରିକା ରାଷ୍ଟ୍ରପତି ହେବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏ ପ୍ରଥମ ଆମେରିକା ଗସ୍ତ ଦୁଇ ଦେଶର ରଣନୀତିକ ସଂପର୍କ ଓ ସହଯୋଗକୁ ବେଶ୍ ମଜଭୁତ କରିବା ନେଇ ବେଶ୍ ଆଶାବାଦୀ ବିଶେଷଜ୍ଞ । ଏସବୁ ବାଦ୍ ଦୁଇ ନେତାଙ୍କ ଆଲୋଚନାରେ ଚୀନ୍, ପାକିସ୍ତାନ, ଆତଙ୍କବାଦ ଓ ରଷ-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ମଧ୍ୟ ଉଠିଛି ।

ଭକ୍ତ ଦାସଙ୍କ ବଡ...

ହୋଇପାରିବ ବୋଲି ଚର୍ଚ୍ଚା ହେଉଛି । ସେପଟେ ଭକ୍ତ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ହେବା ପରେ ଭୁବନେଶ୍ୱରରୁ ପୁରୀ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସଂକଳ୍ପ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପଦଯାତ୍ରାକୁ ସୁପରିଚାଳନା କରିବାକୁ ଏକ ୧୭ ଜଣିଆ ସମନ୍ୱୟ କମିଟି ଗଠନ କରିଛନ୍ତି । ଏହି ସଂକଳ୍ପ ଯାତ୍ରା କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ଦେବାଶୀଷ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି । କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମହମ୍ମଦ ମୋକିମ, ବିଧାୟକ ରମେଶ ଜେନା,ଦାଶରଥୀ ଗମାଙ୍ଗୋ,ସିଏସ ରାଜନ ଏକ୍କା, କାତ୍ରାକା ଆପଲା ସ୍ୱାମୀ, ଅଶୋକ କୁମାର ଦାସ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର,ଉମାବଲ୍ଲଭ ରଥ, ନ

ଶନିବାର, ଫେବୃଆରୀ ୧୫, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଶିମିଳିପାଳରେ କମିଛି ଶିମିଳି ଗଛ ଓ କମୁଛି ମହୁମାଛି ବଂଶ

ବଡସାହି, ୧୪/୨ (ନି.ପ୍ର): ପରିବେଶବିତଙ୍କ ମତରେ ପୂର୍ବରୁ ଶିମିଳିପାଳରେ ଅଧିକ ସଂଖ୍ୟକ ଶିମିଳି ଗଛ ଥିବାରୁ ଏହା ଶିମିଳିପାଳ ନାମରେ ନାମିତ ହୋଇଛି । ଗ୍ରୀଷ୍ମଋତୁର ଆଗମନରେ ନାଲି ହଳଦୀ ରଙ୍ଗର ଶିମିଳିଫୁଲ ଶିମିଳିପାଳର ଶୋଭାବର୍ଦ୍ଧନ କରିଥାଏ; ମାତ୍ର ଶିମିଳିପାଳରୁ ଦିନକୁ ଦିନ ମଉଳି ଯାଉଛି ଶିମିଳି ଗଛ । ଏହି ଅଭୟାରଣ୍ୟରେ ରହିଥିବା ୧୦୫୬ ପ୍ରଜାତିର ବୃକ୍ଷଲତା ମଧ୍ୟରେ ଶିମିଳିଗଛର ବେଶ ମହାତ୍ମ୍ୟ ରହିଛି । ଫଳରେ ଏହି ଗଛ ଉପରେ ଅଧ?କ ମାତ୍ରାରେ ନିର୍ଭର କରୁଥିବା ମହୁମାଛିଙ୍କ ବଂଶ ବୃଦ୍ଧିରେ ବହୁ ପ୍ରଭାବ ପଡୁଥିବାର ପରିବେଶବିତ୍ ପ୍ରକାଶ କରିଛନ୍ତି । ଏହି ଗଛର ଉଚ୍ଚତା ଓ ଶାଖା ପ୍ରଶାଖାର ସର୍ଜନା ପାଇଁ ଏହା ମହୁମାଛିଙ୍କ ଆବାସସ୍ଥଳୀ ପାଲଟିଥାଏ ବୋଲି ପରିବିତ ମାନେ କହିଛନ୍ତି । ସାଧାରଣତଃ ମହୁମାଛି ଅନ୍ୟ ଗଛରେ ଫେଣା ତିଆରି କରୁଥିଲେ ହେଁ ଅଧିକ ସଂଖ୍ୟାରେ ଶିମିଳି ଗଛ ପ୍ରତି ଆକୃଷ୍ଟ ହୋଇ ମହୁ ଫେଣା ତିଆରି କରିଥାନ୍ତି । କାରଣ ସେମାନେ ନାଲି ହଳଦୀରଙ୍ଗରେ ଅଧିକ ଆକୃଷ୍ଟ ହେଉଥିବା ବେଳେ ଶିମିଳିଫୁଲରେ ପ୍ରଚୁର ପରିମାଣରେ ମହୁ ପାଇଁ ଉପାଦେୟ ରସ ଥାଏ । ଏବେ ଶିମିଳି ଗଛର ଅବକ୍ଷୟ ସହିତ ମହୁମାଛିଙ୍କ ବଂଶ କମିବାରେ ଲାଗିଛି । ଫଳରେ ଖାଣ୍ଟି ମହୁ ପାଟିରେ ବାଜୁ ନ ଥିବା ବେଳେ ବଜାରରେ ମଧ୍ୟ ଏହା ଦୁର୍ଲ୍ଲଭ ହେଲାଣି ଓ ଶିମିଳିପାଳ ସଂଲଗ୍ନ ଗାଁ ମାନଙ୍କରେ ବାସ କରୁଥିବା ଲୋକେ ଜଙ୍ଗଲରୁ ଏହି ମହୁ, ଝୁଣା, ଲାଖ ସଂଗ୍ରହ କରି ବଜାରରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ଏବେ ଏହା ଜଙ୍ଗଲରେ ମଧ୍ୟ ଅଧିକ ମାତ୍ରାରେ ଉପଲବ୍ଧ ହେଉନାହିଁ ବୋଲି ଯଦୁନାଥପୁର ଅଞ୍ଚଳର ମିଥୁନ ସିଂ ଓ କମଳାକାନ୍ତ ମହାନ୍ତ କହନ୍ତି । ଏତଦ୍‌ବାଦ୍ ଜଙ୍ଗଲ ବିଭାଗର କଟକଣା ପାଇଁ ସେମାନେ ମଧ୍ୟ ଏହି ବେଉସାରୁ ମୁହଁ ଫେରାଇଲେଣି । ସାଧାରଣତଃ ମହୁମାଛି ଅଧିକ ମାତ୍ରାରେ ଏ ଗଛରୁ ସେ ଗଛକୁ ମହୁ ସଂଗ୍ରହ ପାଇଁ ଉଡି ବୁଲନ୍ତି । ତେଣୁ ତାଙ୍କ ଦ୍ୱାରା ହିଁ ଅଧିକ ପରାଗ ସଂଗମ ହୋଇଥାଏ । ତେଣୁ ସେମାନଙ୍କର ବଂଶ ବିସ୍ତାରରେ ବାଧା ଉପୁଜୁଥିବାରୁ ଅନେକ ବୃକ୍ଷ, ଲତା ଓ କୃଷି କାର୍ଯ୍ୟ ପାଇଁ ପରାଗ ସଂଗମରେ ବାଧା ସୃଷ୍ଟିହେଉଛି ।

ଶାଳୀକୋଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିତୃ ମାତୃ ପୂଜନ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୧୪/୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିତୃ ମାତୃ ପୂଜନ ଉତ୍ସବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବାପା ମା ଭଗବାନଙ୍କ ଦ୍ୱିତୀୟ ଅବତାର ।ନିଜ ସନ୍ତାନର ଖୁସି ପାଇଁ ସବୁ କିଛି କରିପାରନ୍ତି ବାପା ମା । ଯେ ଯେତେବଡ ବଳିଦାନ ହେଉ ଅବା ଏପରିକି ନିଜ ଜୀବନ ଦେବାକୁ ପଛାଇନାହାନ୍ତି ।ପୁଅଝିଅ ବୁଝନ୍ତୁ କି ନ ବୁଝନ୍ତୁ ତାଙ୍କୁ ମଣିଷ କରିବା ପାଇଁ ବାପାମାଆ କେତେ କଷ୍ଟ ସହିଥାନ୍ତି ତାହା କେବଳ ସେହିମାନେ ଜାଣିଥାନ୍ତି । ମାଆ ସର୍ବସଂହା,ସର୍ବ ଶକ୍ତିମାନ । ପିଲାଙ୍କ ସୁରକ୍ଷା ପାଇଁ ସେ କେତେବେଳେ ଦୁର୍ଗା ତ କେତେବେଳେ କାଳୀ ରୂପ ଧାରଣ କରେ । ପିଲାଙ୍କ ଖୁସି ପାଇଁ ସେ ମୁଣ୍ଡାଇପାରେ ପର୍ବତ ପରି ସମସ୍ୟା ।ମାଆ ଶକ୍ତିର ଆକଳନା କରିବା ଅସମ୍ଭବ ବୋଲି ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଶ୍ରୀଯୁକ୍ତ ଦେବେନ୍ଦ୍ର ନାଥ ଭୂୟାଁ ମୁଖ୍ୟ ଅତିଥି ଶିକ୍ଷାବିତ ପ୍ରଦିପ କୁମାର ପ୍ରଧାନ ମୁଖ୍ୟ ବକ୍ତା ଏବଂ କନକାଞ୍ଜଳି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କୁନି କୁନି ଛାତ୍ର ଛାତ୍ରୀ ମାନେ ନିଜର ପିତା ମାତାଙ୍କୁ ପୂଜନ କରିବା ସହିତ ବନ୍ଦାପନା କରିଥିଲେ ।ଅନୁଷ୍ଠାନର ସମ୍ପାଦକ ଦେବିଦତ୍ତ ଭୂୟାଁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ପ୍ରଧାନ ଗୁରୁମା ଦେବୀପ୍ରଭା ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଞ୍ଜୟ ସଥପତି, ଜିଜ୍ଞାସା ପାଣିଗ୍ରାହୀ, ଶୁଭଶ୍ରୀ ଜେନା, ତୁଳସୀ ସିଂ,ଲିଶା ପ୍ରମାଣିକ, ମୋନାଲିସା ମହାନ୍ତି,ମାନସୀ ଦାସ ପ୍ରମୁଖ ଗୁରୁଜୀ ଗରୁମା ମାନେ ସହଯୋଗ କରିଥିଲେ ।

ବୃହତ୍ ବନ୍ଦର ଫୁଟବଲ : ମୁମ୍ବାଇ, ଚେନ୍ନାଇ, ପାରାଦୀପ ଓ ଭିଓସି ବନ୍ଦର ସେମିଫାଇନାଲରେ

ପାରାଦ୍ୱୀପ , ୧୪/୨ (ନି.ପ୍ର): ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଶେଷ ଲିଗ ପର୍ଯ୍ୟାୟରେ କୋଚିନ ଓ ବିଶାଖପାଟଣା ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ ଅମିମାଂସିତ ରହିଥିଲା । ଦ୍ୱିତୀୟ ମ୍ୟାଚରେ ଚେନ୍ନାଇ ବନ୍ଦର ଭିଓସି ବନ୍ଦରର ଖେଳ ମଧ୍ୟ ଅମିମାଂସିତ ରହିଥିଲା । ସେହିପରି ତୃତୀୟ ମ୍ୟାଚରେ ମୁମ୍ବାଇ ବନ୍ଦର ଆୟୋଜକ ପାରାଦୀପ ବନ୍ଦରକୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୨-୧ ଗୋଲରେ ପରାସ୍ତ କରିଥିଲା । ଆସନ୍ତାକାଲି ସେମିଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଚେନ୍ନାଇ ବନ୍ଦରକୁ ଓ ଭିଓସି ବନ୍ଦର ମୁମ୍ବାଇ ବନ୍ଦରକୁ ଭେଟିବ ।

ଗଣିତ ବିଭାଗର ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ

ବାସୁଦେବପୁର, ୧୪/୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଗଣିତ ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟ ର ଅଧ୍ୟକ୍ଷ ବିଷ୍ଣୁ ମୋହନ ସ୍ୱାଇଁ ଏହି ସେମିନାର ରେ ଅତିଥି ଭାବେ ଯୋଗ ଦେଇ ପ୍ରାରମ୍ଭିକ ଅଭି ଭାଷଣ ପ୍ରଦାନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ର ମୁଖ୍ୟ ଗିରିଶ ଚନ୍ଦ୍ର ପୃଥାଳ, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସ୍ୱର୍ଣ୍ଣଲତା ନାୟକ, ଗଣିତ ବିଭାଗ ର ଅନ୍ୟତମ ଅଧ୍ୟାପକ ପରମେଶ୍ୱର ପଣ୍ଡା, ଅଧ୍ୟାପକ ପବିତ୍ର ଘଡାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଗଣିତର ନୂଆ ନୂଆ ଫର୍ମୁଲା ଓ କୌଶଳ ସମ୍ପର୍କରେ ବୁଝାଇଥିଲେ । ସେମିନାର ର ବିଷୟ ବସ୍ତୁଥିଲା କାଉଣ୍ଟିଙ୍ଗ ଉଇଥ ଗ୍ରୁପ ଥିଓରି । ରି ସୋର୍ସ ପର୍ସନ ତଥା ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଅଭିଷେକ ବରାଳ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ଓ ବିଭିନ୍ନ ପ୍ରକାର ଗଣିତ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ର ଗଣିତ ବିଭାଗ ମୁଖ୍ୟ ପ୍ରଫେସର ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ଖୁବ୍ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ । ବୈଦିକ ଗଣିତ, ବିଶିଷ୍ଟ ଗଣିତଜ୍ଞ ରାମାନୁଜମ୍, ଆଇନ୍ ଷ୍ଟାଇନ୍ ଥିଓରି ସମ୍ପର୍କରେ ମଧ୍ୟ ଅତିଥି ବନ୍ଧୁ ଆଲୋଚନା କରିଥିଲେ । ଗଣିତ ବିଭାଗ ଅଧ୍ୟାପକ ପରମେଶ୍ୱର ପଣ୍ଡା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ଓ କାର୍ଯ୍ୟ କ୍ରମ ସଫଳ କରାଇଥିଲେ ।

ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ-ପିତୃ ପୂଜନ ଉତ୍ସବ ପାଳିତ

ବାଲେଶ୍ୱର, ୧୪/୨ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ମାତୃ-ପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ଼ା. କୁମାର ଗୋପାଲ୍ ଯୋଗଦାନ କରି ମାତୃ ପିତୃ ପୂଜନ ଉତ୍ସବ ର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ ଓ ନିଜ ବକ୍ତବ୍ୟରେ ମାତା ପିତା ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ସଂସ୍କୃତି ଠାରୁ ଦୂରେଇ ଭାରତୀୟ ସଂସ୍କୃତି ଅଭିମୁଖି କରାଇବାକୁ ଆହ୍ୱାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଦ୍ୱତ ପରିଷଦର ମୁଖ୍ୟ ଶିବାଜୀ ନିଜ ବକ୍ତବ୍ୟରେ ଏତାଦୃଶ କାର୍ଯ୍ୟକ୍ରମ ର ଭୁୟିୟସୀ ପ୍ରଶଂସା କରିଥିଲେ । ସଂପାଦକ ଶମ୍ଭୁନାଥ ଯାଦବ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲାବେଳେ ଅନ୍ୟ ସମସ୍ତ ଗୁରୁଜୀ-ଗୁରୁମା ଓ ସେବୀକା ପରିଚାଳନାରେ ସହଯୋଗ କରିଥିଲେ । ଶତାଧିକ ମାତା-ପିତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ବିରୋଧୀ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି- ଇରାଶିଷ ଆଚାର୍ଯ୍ୟ

ଭୁବନେଶ୍ୱର, ୧୪/୨ (ନି.ପ୍ର): ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରଶ୍ନ କାଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡିଶା ବାସୀ ଚାହାଁନ୍ତି ବିଧାନସଭା ସୁରୁଖୁରୁରେ ଚାଲୁ । ଯେହେତୁ ପ୍ରସଙ୍ଗ ନାହିଁ । ବିରୋଧୀ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି ବୋଲି କହିଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ । କଂଗ୍ରେସର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଆମେ ପ୍ରସ୍ତୁତ ଥିଲୁ । ସରକାର ଉତ୍ତର ଦେବାକୁ ପ୍ରସ୍ତୁତ ଅଛନ୍ତି । କୌଣସି ଆବଶ୍ୟକତା ନଥିଲା ପ୍ରଶ୍ନକାଳରେ ବିକ୍ଷୋଭ କରିବା ।

ରାଧାଗୋବିନ୍ଦ ଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍

ବାସୁଦେବପୁର, ୧୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନନ୍ଦପୁର ଠାରେ ଜନ୍ମେଜୟ ସ୍ମାରକୀ ପକ୍ଷରୁ ରାଧା ଗୋବିନ୍ଦ ଜୀଉ କ୍ରିକେଟ୍ ଟୁ ର୍ଣ୍ଣାମେଣ୍ଟ ର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି । ଏହି ଖେଳରେ ଯାଜପୁର ଓ କିଆପଡ଼ା ଟିମ୍ ଅଂଶ ଗ୍ରହଣ କରିଥିଲେ । ଆଠ ଓଭର ଖେଳ ଖେଳି କିଆ ପଡ଼ା ୧୩୦ ରନ୍ ସଂଗ୍ରହ କରି ଥିଲେ ଓ ଯାଜପୁର ଟିମ୍ ୧୩୬ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲେ । ଏହି ଖେଳ ରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବିଜୟୀ ଦଳ ଓ ରନର୍ସ ଅପ୍ ଙ୍କୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ପୋଲିସ୍ ଷ୍ଟାଫ୍ ପୁନମ ଦେବୀ ବେହେରା ଓ ଲକ୍ଷ୍ମୀକାନ୍ତ ଉପାଧ୍ୟାୟ । ଖେଳ ପରିଚାଳନା କରିଥିଲେ ସୌରଭ ଜେନା ଓ ପିଣ୍ଟୁ ନାଥ । କ୍ଲବ୍ ର ସଦସ୍ୟ ଜଗତ ଜୀବନ ମହାନ୍ତି, ଶୁଭମ୍ ସାମଲ, ତୁଷାର ରାଉତ, ଦିନେଶ ରାଉତ, ଲୋହିତ ମହାନ୍ତି, ସଚିନ ମଲ୍ଲିକ, ସୁବାସ ରାଉତ, ଚିରଞ୍ଜିବ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ରୂପସା, ୧୪/୨ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଦରଖୁଲି ଗ୍ରାମରେ ଶୁକ୍ରବାର ଚିତ୍ତରଞ୍ଜନ ମହାନ୍ତଙ୍କ ଏକମାତ୍ର ପୁତ୍ର ଜୟଦେବ (୬) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଏନେଇ ସ୍ଥାନୀୟ ଅଞ୍ଚଳରେ ଦୁଃଖର ବାତାବରଣ ଖେଳିଯାଇଛି । ଜେଜେବାପା, ଜେଜେମା'ଙ୍କ ସହ ଶିଶୁପୁତ୍ର ଜଣକ ଘରେ ଥିଲେ । ଶିଶୁପୁତ୍ରର ମା' ବିଲକୁ କାମ କରିବାକୁ ଯାଇଥିଲେ । ବାପା ଚିତ୍ତରଞ୍ଜନ ଗୁଜୁରାଟର ଏକ ଘରୋଇ କମ୍ପାନୀରେ ଚାକିରୀ କରନ୍ତି । ଘରେ ଖେଳୁଥିବା ସମୟରେ ଶିଶୁ ଜଣକ ସ୍ଥାନୀୟ ପୋଖରୀରେ ବୁଡ଼ି ଯାଇଥିଲେ । ଗାଁ ଲୋକେ ପୋଖରୀରୁ ଉଦ୍ଧାର କରି ରୂପସା ମେଡ଼ିକାଲକୁ ସଂଗେ ସଂଗେ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ରୂପସା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ନମ୍ବର ୨/୨୫ ରୁଜୁ କରି ତଦନ୍ତ ଜାରି ରଖିଛି ।

୧୦ନମ୍ବର୍ ଅଙ୍ଗନୱାଡ଼ି କେନ୍ଦ୍ରକୁ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ ଦାବି ଜୋର୍ ଧରିଲା

ଜଳେଶ୍ୱର , ୧୪/୨ (ନି.ପ୍ର): ଜଳେଶ୍ୱର ପୌରପାଳିକାର ୧୦ ନମ୍ବର୍ ୱାର୍ଡ ଜେନା ସାହି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ସାତ ମାସ ଧରି କେନ୍ଦ୍ରକୁ ଆସି ନ ଥିବା ସମ୍ବନ୍ଧରେ ଖବରକାଗଜରେ ପ୍ରସାରଣ ପରେ ଜଳେଶ୍ୱର ସିଡିପିଓ ଗତ ୭ତାରିଖ ଦିନ ଚିଠି ନମ୍ବର ୧୩୬୨ ମୂଳେ ସମ୍ପୃକ୍ତ କର୍ମିକୁ କାରଣ ଦର୍ଶାଅ ନୋଟିସ୍ କରି ଥିବାର ସିଡିପିଓ କହିଛନ୍ତି ଗତ ୭ଦିନ ଧରି କର୍ମୀଙ୍କୁ ନୋଟିସ୍ କଲାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ଏଥି ପ୍ରତୀ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ହାତୀପାଇଁ ଅନ୍ଧାରରେ ବାନାଞ୍ଚଳବାସୀ: ହାତୀ ଜଗିବା ବାହାନାରେ ମଉଜ ମଜଲିସରେ ମତୁଆଲା ବନକର୍ମଚାରୀ



ନୀଳଗିରି, ୧୪/୨ (ନି.ପ୍ର): ଅଦିନରେ ଏକ ଝାଡଖଣ୍ଡି ଦନ୍ତା ନୀଳଗିରି ବନାଞ୍ଚଳକୁ ପଶିଆସିଥିବା ବେଳେ ଭୟରେ କାଳାତିପାତ କରୁଥିବା ଅଞ୍ଚଳବାସୀଙ୍କୁ ଏବେ ଆଉ ଗୋଟିଏ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡୁଛି । ସନ୍ଧ୍ୟା ନଇଁଲେ ବିଦ୍ୟୁତ୍ କାଟ କରିଦିଆଯାଉଛି । ଫଳରେ ବେଡି ଉପରେ କୋରଡ଼ା ପରି ହାତୀ ଭୟ ସହିତ ଅନ୍ଧାରର ରାଜୁତି ବନାଞ୍ଚଳ ବାସୀଙ୍କୁ ଅଧିକ ଭୟାତୁର କରିଛି । ଏପଟେ ହାତୀ ଖେଦିବା ଓ ଜଗିବା ବାହାନାରେ ନିୟୋଜିତ ବନକର୍ମଚାରୀ ରାସ୍ତାପାର୍ଶ୍ୱରେ ଏକାଠି ବସି ମଉଜ ମଜଲିସ ସହିତ ମଦ୍ୟପାନକରି ରାସ୍ତାରେ ନାଚୁଥିବାର ଅଭିଯୋଗ ହେଉଛି । ସର୍ବୋପରି ନରଣପୁର, ଭଉଁରୀଆବାଡ଼, ଗରଡି, ଅଯୋଧା, ତେଲିପାଲ ଆଦି ୫/୬ଟି ଜଙ୍ଗଲ ପରିବେଷ୍ଟିତ ପଞ୍ଚାୟତର ଅଧିବାସୀ ବିଦ୍ୟୁତକାଟ ଯୋଗୁଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ୟଜନ୍ତୁ ଭୟ ସହିତ ହାତୀଭୟ ସ୍ଥାନୀୟବାସିନ୍ଦା ମାନଙ୍କୁ ଅତିଷ୍ଠ କରିଥିବା ବେଳେ କେତେବେଳେଯେ ଲୋକଙ୍କର ଆକ୍ରୋଶର ଶୀକାର ହୋଇ ଦନ୍ତାହାତୀକୁ ଜୀବନ ଦେବାକୁ ପଡ଼ିବ, ଏଭଳି ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ତେବେ ହାତୀ ପଶିବା, ଲୋକଙ୍କୁ ସଚେତନ କରାନଯିବା ଭଳି ସାଙ୍ଘାତିକ ଅଭିଯୋଗ ବନବିଭାଗ ଉପରେ ଉଠିଛି । ଏନେଇ ରେଞ୍ଜ ଅଧିକାରିଣୀଙ୍କୁ ଯୋଗାଯୋଗ କରିବାରୁ ହାତୀଟିର ନିର୍ଦ୍ଦିଷ୍ଟ ଲୋକେସନ୍ ବିଦ୍ୟୁତବିଭାଗକୁ ଜଣାଇଥିବା କହିଥିବା ବେଳେ ବିଦ୍ୟୁତ୍ ବିଭାଗ ପାଲଟା ଅଭିଯୋଗ କରି ପରସ୍ପର ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ହେଉଥିବା ଅଭିଯୋଗ ଉଠିଛି । ଖବର ଲେଖା ହେଲା ବେଳକୁ ଦନ୍ତାହାତୀଟି ଭଉଁରୀଆବାଡ଼ ପଞ୍ଚାୟତ କାନ୍ଥସିମୁଳିଆ ଗ୍ରାମରେ ଆତଙ୍କ ମଚାଉଥିବା ଜଣାଯାଇଛି । ଏବେ ସମଗ୍ର ଅଞ୍ଚଳରେ ବିଦ୍ୟୁତକାଟ କରି ଅନ୍ଧାରରେ ପକାଇ ଦେଇଥିବାର ଅଞ୍ଚଳବାସି ଅଭିଯୋଗ କରିଛନ୍ତି ।

ମହାକୁମ୍ଭରେ ବୁଡ଼ ପକାଇବାକୁ ଯାଇ ୪୦ ଘଣ୍ଟା ପରେ ଟ୍ରାଫିକ ଯନ୍ତ୍ରଣାରୁ ବର୍ତ୍ତିଲେ ଶ୍ରଦ୍ଧାଳୁ

ବସ୍ତା, ୧୪/୨ (ନି.ପ୍ର): ବସ୍ତା ଓ ଜଳେଶ୍ୱର ଅଞ୍ଚଳରୁ ପ୍ରୟାଗରାଜ କୁମ୍ଭ ମେଳାରେ ବୁଡ଼ ପକାଇବାକୁ ଯାଇ ,ଅଯୋଧା ଜିଲ୍ଲା ସୁଲତାନପୁର - ବିକାପୁର ନିକଟରେ ଟ୍ରାଫିକ ଜାମରେ ୪୦ ଘଣ୍ଟା ରୁ ଉର୍ଦ୍ଧ୍ୱ ହେବ ଭୋକ,ଉପବାସ ସାଙ୍ଗକୁ ଅଣନିଃଶ୍ୱାସୀ ହୋଇ ୭୦ ତୀର୍ଥ ଯାତ୍ରୀ ଗୁରୁତର ଅବସ୍ଥାରେ ଫସି ରହିଥିଲେ । ତେବେ ସେମାନଙ୍କୁ ଉଦ୍ଧାର ଓ ସହାୟତା ଯୋଗାଇ ଦେବା ପାଇଁ ସୁସିଆଲ ମିଡ଼ିଆ ମାଧ୍ୟମରେ ନିବେଦନ କରିଥିଲେ । ଏନେଇ ସମାଜ ସେବୀ ତଥା ସାମ୍ବାଦିକ ଅଜିତ କୁମାର ସାହୁ ଉଭୟ ଜଳେଶ୍ୱର ଓ ବସ୍ତା ତହସିଲଦାର , ଜିଲ୍ଲା ପରିବହନ ଅଧିକାରୀ,ବାଲେଶ୍ୱର ଜିଲ୍ଲାପାଳ ମୟୂର ବିକାଶ ସୂର୍ଯ୍ୟବଂଶୀ ସମେତ ମୁଖ୍ୟଶାସନ ସଚିବ ଓ ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟାଳୟ କୁ ସମସ୍ୟା ବାବଦରେ ଅବଗତ କରାଇ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ରାଜ୍ୟ ସରକାର ଓ ବିଭଗୀୟ ଅଧିକାରୀ ସମସ୍ୟାକୁ ଗୁରୁତର ସହିତ ଗ୍ରହଣ କରି ଉତ୍ତର ପ୍ରଦେଶ ସରକାର ଓ ପ୍ରଶାସନ ସହିତ ଆଲୋଚନା କରିଥିଲେ । ଯାହାଦ୍ୱାରା ତୁରନ୍ତ ଟ୍ର